୬ ପନ୍ତଙ୍କ ସେଲିବ୍ରେସନକୁ ନେଇ ବଡ଼ ଚେତାବନୀ ଦେଲେ ସର୍ଜନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୧୫୨ ● ୩୦ ଜୁନ୍ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-152 ● 30th June 2025, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ଶରଧାବାଲିରେ ଦଳାଚକଟା : ୩ ମୃତ, ୫୦ ଆହତ

**ପୁରୀ, ୨୯।୬ : ନ୍ୟୁଜ୍ ବ୍ୟୁରୋ**

ରବିବାର ଭୋରୁ ଭୋରୁ ତିନିରଥ ସମ୍ମୁଖରେ ଦଳାଚକଟା ଓ ଠେଲାପେଲାରେ ୩ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ ଜଣ ଆହତ ହୋଇଛନ୍ତି । ଏହି ଅଘଟଣ ଭୋର ୪ଟା ୨୦ ମିନିଟରେ ହୋଇଥିଲା । ଶନିବାର ରାତି ୧୨ ଟା ୧୫ରେ ତିନିରଥରେ ଶ୍ରୀଜୀଉଙ୍କ ପହୁଡ ନୀତି ଅନୁଷ୍ଠିତ ହୋଇଥିଲା । ଶନିବାର ଓ ରବିବାର ଛୁଟି ଥିବାରୁ ଅଧିକ ଭକ୍ତ ଶ୍ରୀକ୍ଷେତ୍ରକୁ ପ୍ରବେଶ କରିଥିଲେ । ରାତି ୧୨ଟା ପରେ ଭକ୍ତମାନେ ଆଉ ଦର୍ଶନ କରିନପାରି ଅପେକ୍ଷାରତ ଥିଲେ । ଭୋରରୁ ପହୁଡ ଖୋଲିବା ପରେ ହଠାତ ଭକ୍ତ ମାନେ ଦର୍ଶନ ପାଇଁ ମାଡି ଆସିଥିଲେ । ଏହି ସମୟରେ ରଥ ପାଖରେ ଚାରମାଳ ଟ୍ରକ ପହଞ୍ଚି ଅନଲୋଡ କରିବା ଫଳରେ ସେଠାରେ ଶୋଇଥିବା ଭକ୍ତ ମାନେ ଏଣେତେଣେ ଦଉଡି ଥିଲେ । ଏହି ସମୟରେ ଦଳାଚକଟା ଆରମ୍ଭ ହେବାରୁ ଶହ ଶହ ଭକ୍ତ ତଳେ ପଡି ଚିତ୍କାର କରିଥିଲେ । ପ୍ରତ୍ୟକ୍ଷଦର୍ଶୀ କହିବା ଅନୁଯାଇ ଡ୍ୟୁଟିରେ ଥିବା ହାତଗଣତି ପୋଲିସ ଜୀବନ ରକ୍ଷା ପାଇଁ ଦଉଡିଥିଲେ । ଦଳାଚକଟାରେ ଆହତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ଗୋବର୍ଦ୍ଧନପୁରର ବାସନ୍ତି ସାହୁ (୩୬), ଭୁବନେଶ୍ୱର ନୂଆପଲ୍ଲୀର ପ୍ରେମଚାନ୍ଦ ମହାନ୍ତି ( ୭୮) ,ବାଲିପାଟଣା ଅଠାନ୍ତର ପ୍ରଭାତୀ ଦାସ ଗୁରୁତର ହୋଇ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସମ୍ପର୍କୀୟ ମାନେ ଆଣିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦଳାଚକଟା ଓ ଠେଲାପେଲାରେ ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହୋଇଥିବା କୁହାଯାଉଛି । ରଥ ପାଖରେ ଭକ୍ତ ଶୋଇଥିବା ବେଳେ ଚାର ମାଳ ଟ୍ରକ ପ୍ରବେଶ ପାଇଁ କିଏ ଅନୁମତି ଦେଇଥିଲା ସେ ସମ୍ପର୍କରେ ଯାଞ୍ଚ ଚାଲିଛି । ଏ ସମ୍ପର୍କରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଘଟଣା ସମ୍ପର୍କରେ ଅବଗତ ଅଛି ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛି । ଘଟଣା ସ୍ଥଳରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପହଞ୍ଚି ପ୍ରଶାସନିକ ଅନୁଧ୍ୟାନ କରିଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି କହିଥିଲେ । ମୃତକମାନଙ୍କୁ ପୁରୀ ମେଡିକାଲରେ ରଖାଯାଇଥିଲା ଓ ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି । ୯ ଜଣ ଅଣନିଶ୍ୱାସୀ ହୋଇ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି । ଘଟଣା ସ୍ଥଳରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଓ ପୁରୀ ଏସପି ପହଞ୍ଚି ପୋଲିସ ଡ୍ୟୁଟିରେ ଥିଲେ ବୋଲି ଗଣମାଧ୍ୟମକୁ କହିଛନ୍ତି । ପ୍ରଶାସନିକ ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଲା ବୋଲି ଭକ୍ତ ମାନେ କହିଛନ୍ତି । ଏହା ସତ୍ତ୍ୱେ ଦର୍ଶନ ବ୍ୟବସ୍ଥା ଚାଲୁ ରହିଥିଲା । ୧୦ଟା ୩୦ରେ ସକାଳଧୂପ ପୂଜା ଶେଷ ହୋଇଥିଲା। ଘଟଣା ସ୍ଥଳରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ।



## ଦଳାଚକଟା ଘଟଣାରେ ଦୁଃଖ ପ୍ରକାଶ କଲେ ନବୀନ



**ଭୁବନେଶ୍ୱର, ୨୯।୬ : ନ୍ୟୁଜ୍ ବ୍ୟୁରୋ**

ପୁରୀ ଠେଲାପେଲା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସୋସିଆଲ ମିଡିଆରେ ନବୀନ କହିଛନ୍ତି ଯେ, ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି ଏବଂ ଏହି ଦୁଃଖଦାୟକ ଘଟଣାରେ ଆହତ ହୋଇଥିବା ସମସ୍ତ ଭକ୍ତଙ୍କ ଆଶୁଆରୋଗ୍ୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ଅବ୍ୟବସ୍ଥା ପାଇଁ *(ପୃଷ୍ଠା ୭ରେ)*

## ମୃତକଙ୍କ ପରିବାରଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା

**ଭୁବନେଶ୍ୱର, ୨୯।୬ : ନ୍ୟୁଜ୍ ବ୍ୟୁରୋ**

ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ଶରଧାବାଲିରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ ଅତ୍ୟନ୍ତ ଆଗ୍ରହ ଓ ଉତ୍କଣ୍ଠାର ସହ ଆସିଥାନ୍ତି। ସେହି ଉତ୍କଣ୍ଠା ଜନିତ ବ୍ୟଗ୍ରତା ଓ ଭିଡ କାରଣରୁ ତିନି ଜଣ ଶ୍ରଦ୍ଧାଳୁଙ୍କ ପରଲୋକ ଘଟିଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହୋଇ ଦୁଃଖ *(ପୃଷ୍ଠା ୭ରେ)*

## ଦଳାଚକଟା ଘଟଣାରେ କ୍ଷମାମାଗିଲେ ମୁଖ୍ୟମନ୍ତ୍ରୀ : ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୬ : ନ୍ୟୁଜ୍ ବ୍ୟୁରୋ**

ଶରଧାବାଲିରେ ଦଳାଚକଟା ଘଟଣାରେ ୩ଜଣଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିବା ସହ କ୍ଷମା ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଘଟଣାକୁ ଗୁରୁତର ସହ ନେଇ ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶରଧାବାଲିରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଜନିତ ଠେଲାପେଲା କାରଣରୁ ଘଟିଥିବା ଅଘଟଣ ପାଇଁ ବ୍ୟକ୍ତିଗତ ଭାବେ ମୁଁ *(ପୃଷ୍ଠା ୭ରେ)*

## ବଦଳିଲେ ପୁରୀ ଜିଲ୍ଲାପାଳ ଓ ଏସ୍‌ପି : ଡିସିପି ଓ କମାଣ୍ଡାଣ୍ଟ ନିଲମ୍ବିତ

**ପୁରୀ, ୨୯।୬ : ନ୍ୟୁଜ୍ ବ୍ୟୁରୋ**

ପୁରୀ ଅଘଟଣକୁ ନେଇ ବଡ଼ କାର୍ଯ୍ୟାନୁଷ୍ଠାନ । ଶରଧାବାଲିରେ ଠେଲାପେଲା ଓ ଦଳାଚକଟାରେ ୩ ଭକ୍ତଙ୍କ ମୃତ୍ୟୁ ପରେ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ ବଦଳି କରାଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ବଦଳି କରାଯାଇଛି । ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଳ ରାଣାଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ପୁରୀ ଏସପି ବିନୀତ ଅଗ୍ରୱାଲଙ୍କୁ ବଦଳି କରାଯାଇଛି । ନୂତନ ଏସ.ପି ଭାବେ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି ।

## ସ୍ଥଗିତ ହେଲା ବିଜେପି ରାଜ୍ୟ ସଭାପତି ନିର୍ବାଚନ

**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ରବିବାର ଏକ ବଡ଼ ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ ସଭାପତି ସହ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନକୁ ସ୍ଥଗିତ କରାଯାଇଥିବା ସେ କହିଛନ୍ତି। ପୁରୀ ଅଘଟଣ ପାଇଁ ମର୍ମାହତ ବୋଲି କହିବା ସହ ଏନେଇ ନିର୍ବାଚନକୁ ସ୍ଥଗିତ କରାଯାଇଥିବା ବାଲେଶ୍ୱର ଏମ୍‌ପି ପ୍ରତାପ କହିଛନ୍ତି।

ଏଥର ଦଳର ରାଜ୍ୟ ସଭାପତି କିଏ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି । କେତେଜଣଙ୍କ ନାଁ ସଭାପତି ନିର୍ବାଚନ ଲାଗି ଚର୍ଚ୍ଚାରେ ରହିଛି। ଅନ୍ୟପଟେ ବର୍ତ୍ତମାନ ସଭାପତି ଥିବା ମନମୋହନଙ୍କୁ ଆଉ ଥରେ ଏହି ପଦରେ ରଖିବା ପାଇଁ ଉପରେ ନିଷ୍ପତ୍ତି ହୋଇଥିବା କଥା ମଧ୍ୟ ଶୁଣିବାକୁ ମିଳୁଛି। ଅନ୍ୟପଟେ ଭାଜପା ସରକାରରେ ନିଗମ ଓ ବୋର୍ଡଗୁଡ଼ିକର ଅଧ୍ୟକ୍ଷ ପଦ ଖାଲିପଡ଼ିଛି। ରାଜ୍ୟ ସଭାପତି ନିର୍ବାଚନ ପରେ ଏହି ପଦବୀ ପୂରଣ ହେବ ବୋଲି ଦୀର୍ଘଦିନ ଧରି ଶୁଣିବାକୁ ମିଳୁଛି। ଅନ୍ୟପଟେ ସଭାପତି ଚୟନ ପରେ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦବୀ ପୂରଣ ହେବା ସହ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ ବୋଲି ଭାଜପା ମହଲରେ ଚର୍ଚ୍ଚା ଚାଲିଛି।

## ଆଜିଠୁ ଚତୁର୍ଦ୍ଧା ମୂରତିଙ୍କ ଆଡ଼ପ ଦର୍ଶନ

**ପୁରୀ, ୨୯।୬ : ନ୍ୟୁଜ୍ ବ୍ୟୁରୋ**



ଭକ୍ତବତ୍ସଳ କାଳିଆ ସାଆନ୍ତଙ୍କୁ ଭାବ ଡୋରିରେ ଜନ୍ମବେଦିକୁ ଟାଣି ଆଣିଛନ୍ତି ଲକ୍ଷଲକ୍ଷ ଶ୍ରଦ୍ଧାଳୁ । ଜନ୍ମବେଦି ସମ୍ମୁଖରେ ଉଭା ହୋଇଛନ୍ତି ଚତୁର୍ଦ୍ଧା ବିଗ୍ରହ। ଶନିବାର ଘରଘର ନାଦ କରି ସଅଳ ଛୁଟିଆସିଥିଲେ ଗୁଣ୍ଡିଚା ବାଡ଼ି। କିଏ କହୁଥିଲା ଭାବଗ୍ରାହୀଙ୍କ ଇଚ୍ଛାରେ ସବୁ ହେଉଛି ତ, ପୁଣି କିଏ କହୁଥିଲା ରଥଚଳା ଦେଖି ପାରିନଥିବା କୌଣସି ଭକ୍ତ ପାଇଁ ମହାପ୍ରଭୁ ଅଟକି ଯାଇଛନ୍ତି । କିନ୍ତୁ ଥରେ ରଥ ଗଡିବା ପରେ ଆଉ ଅଟକ ହୋଇନଥିଲେ କି ଅଭିମାନ କରିନଥିଲେ କଳା ବାମନ। ସମସ୍ତ ନୀତିକାନ୍ତି ସୁସମ୍ପାଦିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସକାଳ ସାଢ଼େ ୯ଟାରେ ରଥଟଣା ଆରମ୍ଭ ହୋଇଥିଲା। ୩ ଘଣ୍ଟା ୩୫ ମିନିଟ୍ ମଧ୍ୟରେ ତିନି ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିଜେ ହୋଇ ଯାଇଥିଲେ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦେଖିବା ପାଇଁ ଶରଧାବାଲିରେ ଲକ୍ଷାଧିକ *(ପୃଷ୍ଠା ୭ରେ)*

## ମନ୍ କୀ ବାତ୍‌ରେ ଜରୁରୀକାଳକୁ ଗଣତନ୍ତ୍ରର ହତ୍ୟା କହିଲେ ମୋଦୀ

**ନୂଆଦିଲ୍ଲୀ, ୨୯।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ୍'ରେ ଜରୁରୀକାଳର ୫୦ତମ ବାର୍ଷିକୀ ଉପଲକ୍ଷେ ଏହି ଇତିହାସର କଳା ଅଧ୍ୟାୟକୁ ସ୍ମରଣ କରି କହିଛନ୍ତି ଯେ, ଏହା କେବଳ ସମ୍ବିଧାନର ହତ୍ୟା ନୁହେଁ, ବରଂ ନ୍ୟାୟପାଳିକାକୁ ମଧ୍ୟ ଗୁଲାମ ବନାଇବାକୁ ଚେଷ୍ଟା କରାଯାଇଥିଲା।

ସେ ଏହି ଅବସରରେ ଲକ୍ଷାଧିକ ଏମିତି ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି, ଯେଉଁମାନେ



ଆତ୍ୟାଚାର ଭୋଗ କରି ଗଣତନ୍ତ୍ରର ସୁରକ୍ଷା କରିଥିଲେ। ମୋଦୀ କହିଛନ୍ତି ଯେ, ୧୯୭୫ ମସିହାରେ ଲାଗୁହୋଇଥିବା ଜରୁରୀକାଳ ସମୟରେ ଲୋକଙ୍କୁ ବିପୁଳ ପରିମାଣରେ ନିର୍ଯାତନା ଦିଆଯାଇଥିଲା। ଜର୍ଜ ଫର୍ଣ୍ଣାଣ୍ଡିସ୍‌ଙ୍କୁ ଜଞ୍ଜିରରେ ବାନ୍ଧି ଦିଆଯାଇଥିଲା, ଛାତ୍ରଛାତ୍ରୀମାନେ ଉତ୍ପୀଡିତ ହୋଇଥିଲେ ଓ ମିସା ଆଇନ ଅନ୍ତର୍ଗତ ବିନା କାରଣରେ ଲୋକଙ୍କୁ କାରାଗାରରେ ଭର୍ତ୍ତି କରାଯାଇଥିଲା। ଅଭିବ୍ୟକ୍ତିର ସ୍ୱାଧୀନତାକୁ ସଂପୂର୍ଣ୍ଣ ଭାବେ ଦମନ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆପଣ କଳ୍ପନା *(ପୃଷ୍ଠା ୭ରେ)*

## ଆଇଏଏସ୍ ଓ ଆଇପିଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ଶରଧାବାଲି ଦଳାଚକଟା ପରେ ଆକ୍ସନ ମୋଡକୁ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ବଡ଼ ପଦକ୍ଷେପ ନେଇ ଆଇଏଏସ ଓ ଆଇପିଏସ ସ୍ତରରେ ଅଦଳବଦଳ କରିଛନ୍ତି । ରଥଯାତ୍ରା ପରିଚାଳନା ପାଇଁ ଅଭିଜ୍ଞ ଅଧିକାରୀମାନଙ୍କୁ ଗୁରୁଦାୟିତ୍ୱ ମିଳିଛି । ଏହି କ୍ରମରେ ବରିଷ୍ଠ ଆଇଏଏସ ଅଧିକାରୀ ଶାଶ୍ୱତ ମିଶ୍ରଙ୍କୁ ବଡ଼ ଦାୟିତ୍ୱ ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ସେ ନିଯୁକ୍ତ ପାଇଛନ୍ତି । ଏଥି ସହ ସେ ଅର୍ଥ ବିଭାଗର ପ୍ରମୁଖ ସଚିବ ଓ ଇଡକୋର ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି ।

ସେହିପରି ବରିଷ୍ଠ ଆଇଏଏସ ଅରବିନ୍ଦ ଅଗ୍ରୱାଲଙ୍କୁ ପୁରୀ ଡକରା ଯାଇଛି । ରଥଯାତ୍ରା ପରିଚାଳନ ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ କରିଛନ୍ତି ରାଜ୍ୟ ସରକାର । ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ସହ ଏହି ଦାୟିତ୍ୱ ମଧ୍ୟ ତୁଲାଇବେ । ଏନେଇ ସାଧାରଣ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି । ସେହିଭଳି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ପୁଲିସ୍ ପରିଚାଳନା ଦାୟିତ୍ୱ ମିଳିଛି । ମହାପ୍ରଭୁଙ୍କ ରଥଯାତ୍ରା ଶେଷ ହେବା ଯାଏଁ ଏହି ବରିଷ୍ଠ *(ପୃଷ୍ଠା ୭ରେ)*

## ବନ୍ଦରଭିତ୍ତିକ ଶିଳ୍ପ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ଆଦାନୀ

**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ । ରାଜ୍ୟ ଅତିଥି ଭବନରେ ମୋହନ ଓ ଗୌତମଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ହୋଇଛି । ଓଡ଼ିଶାରେ ବନ୍ଦରଭିତ୍ତିକ ଶିଳ୍ପର ବିକାଶ ଉପରେ ଆଦାନୀ ଗ୍ରୁପର ଅଧ୍ୟକ୍ଷଙ୍କ ସହ ବିଶେଷ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପର



ଅଧ୍ୟକ୍ଷ ଗୌତମ ଆଦାନୀ ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ରାଜ୍ୟର ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା ହୋଇଛି । *(ପୃଷ୍ଠା ୭ରେ)*

## ଆଜି ଶ୍ରୀବିଗ୍ରହଙ୍କ ବନକଲାଗି ନୀତି : ୫ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ, ୨୯।୬ : ନ୍ୟୁଜ୍ ବ୍ୟୁରୋ**

ସୋମବାର ଆଷାଢ଼ ଶୁକ୍ଳ ଚତୁର୍ଥୀ ଯୁକ୍ତ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ରାତି ୯ଟା ଠାରୁ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଦତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସମାପନ କରିବେ। ଶ୍ରୀଜୀଉଙ୍କ ବନକ ଲାଗି ତଥା ଶ୍ରୀମୁଖ ଶୃଙ୍ଗାରରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଦଳାଚକଟାରେ ପ୍ରାଣ ଚାଲିଗଲା
କହିବକି କିଏ ଦାୟୀ
ତ୍ରୁଟିଶୂନ୍ୟ ହେବ ରଥ ଯାତରା
ତଥାପି ଏମିତି କାଇଁ
ବ୍ୟବସ୍ଥା ଅବ୍ୟବସ୍ଥା କାହିଁ ପାଇଁ
ତଦନ୍ତ ଫଦନ୍ତ ସହାୟତା କ'ଣ
ଫେରାଇବକି ଯାହା ନାହିଁ।

## ପାକିସ୍ତାନକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିଥାନ୍ତା ଭାରତ



**ଜାକର୍ତ୍ତା, ୨୯।୬**

ମେ ମାସରେ ଭାରତ ବିରୋଧରେ ସଂଘର୍ଷ ସମୟରେ ପାକିସ୍ତାନ ପରମାଣୁ ବୋମା ବ୍ୟବହାର କରିଥିଲେ ଭାରତ କ'ଣ କରିଥାନ୍ତା ? ଏହି ବିପଦପୂର୍ଣ୍ଣ ଖୁଲାସା ଇଣ୍ଡୋନେସିଆର ଜାକର୍ତ୍ତାରେ ନିୟୋଜିତ ଭାରତୀୟ ଦୂତାବାସରେ ପ୍ରତିରକ୍ଷା ଆଟାଚି କ୍ୟାପଟେନ (ଭାରତୀୟ ନୌସେନା) ଶିବ କୁମାର ଇଣ୍ଡୋନେସିଆ ବାୟୁସେନାକୁ ଭାରତର ନିଷ୍ପତ୍ତି ବିଷୟରେ ସୂଚନା ଦେବା ସମୟରେ ପଡ଼ୋଶୀ ଦେଶ ପାକିସ୍ତାନକୁ ସ୍ପଷ୍ଟ ଶବ୍ଦରେ ଚେତାବନୀ ଦେଇଛନ୍ତି।

ଇଣ୍ଡୋନେସିଆ ବାୟୁସେନା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସେମିନାରରେ ଭାରତ ବିଶ୍ୱକୁ ନିଜର ପରମାଣୁ ନୀତିର ଏକ ସ୍ପଷ୍ଟ ତଥା ଦୃଢ଼ ବାର୍ତ୍ତା ଦେଇଛି । ଭାରତୀୟ ନୌସେନାର କ୍ୟାପଟେନ ଶିବ କୁମାର ପ୍ରକାଶ କରିଛନ୍ତି ଯେ, ଯଦି ପାକିସ୍ତାନ ପରମାଣୁ ବୋମା ପକାଇଥାନ୍ତା, ତେବେ ଭାରତ ପାକିସ୍ତାନକୁ ମାନଚିତ୍ରରୁ ନିଶ୍ଚିହ୍ନ କରି ଦେଇଥାନ୍ତା।

ଅପରେସନ ସିନ୍ଦୂର ଉପରେ ଇଣ୍ଡୋନେସିଆରେ ଭାଷଣ ଦେଇ କ୍ୟାପଟେନ ଶିବ କୁମାର କହିଛନ୍ତି ଯେ, ଯଦି ଭାରତ ଉପରେ *(ପୃଷ୍ଠା ୭ରେ)*

## ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକା ନଦୀରେ ଜଳସ୍ତର ବଢିଲା

**ଭୁବନେଶ୍ୱର, ୨୯।୬**
**ନ୍ୟୁଜ୍ ବ୍ୟୁରୋ**

ଝାଡଖଣ୍ଡ ରାଜ୍ୟ ଏବଂ ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଲଗାଣ ବର୍ଷା ହେତୁ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକାନଦୀମାନଙ୍କରେ ଜଳସ୍ତର ବୃଦ୍ଧିପାଉଛି।

ରବିବାର ଅପରାହ୍ଣ ୩ ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀରେ ରାଜଘାଟ ଠାରେ ଜଳସ୍ତର ୮.୪୧ ମିଟର ରହିଥିଲା । ଏହାର ବିପଦ ସଂକେତ ସ୍ତରହେଉଛି ୧୦.୩୬ ମିଟର। ସେହିପରି, ବୁଢାବଳଙ୍ଗ ନଦୀରେ ଗୋବିନ୍ଦପୁର ଠାରେ ଜଳସ୍ତର୬.୯୪ ମିଟର ରହିଛି । ଏହାର ବିପଦ ସଂକେତ ସ୍ତର ୮.୧୩ ମିଟର। ସେହିପରି ଜଳକା ନଦୀରେ ମାଥାନୀ ଠାରେ ଜଳସ୍ତର୬.୬୫ ମିଟର ଥିବା ବେଳେ ଏହାର ବିପଦ ସଂକେତ ସ୍ତର ହେଉଛି ୬.୫୦ ମିଟର।

ଏହି ପରିପ୍ରେକ୍ଷୀରେ, ସୁବର୍ଣ୍ଣରେଖା ନଦୀରେ ରବିବାର ମଧ୍ୟ ରାତ୍ର ୧୨ ଟା ସୁଦ୍ଧା ସର୍ବୋଚ୍ଚ ବନ୍ୟା ଜଳ ୧୧.୨୫ ମିଟର ସ୍ତରରେ ପ୍ରବାହିତ ହୋଇଥିବା ଜଣାପଡିଛି। ସେହିପରି ବୁଢାବଳଙ୍ଗ ନଦୀରେ ସୋମବାର ୩୦ ତାରିଖ ସକାଳ ୯ ସୁଦ୍ଧା ୮.୨୦ ମିଟର ଏବଂ ଜଳକାନଦୀରେ ରବିବାର ସଂଧ୍ୟା ୬.୦୦ ରେ ୬.୮୨ ମିଟର ସର୍ବୋଚ୍ଚ ବନ୍ୟାଜଳ ପ୍ରବାହିତ ହୋଇଥିବା ଆଶା କରାଯାଉଛି।



# ୫ ମାସରେ ଉଡ଼ାଇ ନେଲେଣି ୧୪୪ କୋଟି



## ପ୍ରତିଦିନ କୋଟିଏ ଠକୁଛନ୍ତି ସାଇବର ଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅଦୃଶ୍ୟ ଠକଙ୍କ ଆତଙ୍କ ବଢ଼ିବାରେ ଲାଗିଛି । ଆଖି ପିଛୁଳାକେ ଖାଲି କରିଦେଉଛନ୍ତି ପୂରା ଆକାଉଣ୍ଟ । ପୁଲିସ୍, ସରକାରଙ୍କ ପକ୍ଷରୁ ବାରମ୍ବାର ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ସାଇବର ଠକମାନେ ଗଳା ବାଟ ବାହାର କରି ଦେଉଛନ୍ତି । ନୂଆ ନୂଆ ଉପାୟରେ ଲୋକଙ୍କୁ ଚୂନ ମାରି ଚାଲିଛନ୍ତି । ପରିସ୍ଥିତି ଏମିତି ହୋଇଛି ଯେ ଠକଙ୍କ ଗୋଟି ଚାଳନା ଆଗରେ ପୁଲିସ୍‌ର ରଣନୀତି ଏକପ୍ରକାର ଫେଲ୍ ମାରୁଛି । ହାତଗଣତି କେତୋଟି ମାମଲାରେ ଠକଙ୍କୁ ଗିରଫ, ଟଙ୍କା ଫେରସ୍ତ ଓ ଠକଙ୍କ ଆକାଉଣ୍ଟ ଅଚଳ କରିବା ବ୍ୟତୀତ ଖାଲି ମାମଲା ରୁଜୁରେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନ ସୀମିତ ରହିଯାଉଛି । ସାଇବର ଠକେଇକୁ ନେଇ ଏବେ ପୁଣି ଏକ ସାଂଘାତିକ ତଥ୍ୟ ପଦାକୁ ଆସିଛି । ଗତ ୫ ମାସ ମଧ୍ୟରେ ସାଇବର ଠକମାନେ ରାଜ୍ୟରୁ ପ୍ରାୟ ୧୪୪କୋଟି ଟଙ୍କା ଉଡ଼ାଇ ନେଇଛନ୍ତି । ହାରାହାରି ଭାବେ ହିସାବ କଲେ, ଦିନକୁ କୋଟିଏ ଟଙ୍କା ଲୁଟୁଛନ୍ତି । ଚଳିତବର୍ଷ ଜାନୁୟାରୀଠାରୁ ମେ' ମଧ୍ୟରେ ରାଜ୍ୟର ପ୍ରାୟ ୨୦ ହଜାର ଲୋକଙ୍କୁ ଠକମାନେ ବିଭିନ୍ନ ଉପାୟରେ ଚୂନ ମାରିଛନ୍ତି । ହେଲେ, ସେଥିମଧ୍ୟରୁ ପୁଲିସ ମାତ୍ର ୧୬କୋଟି ଟଙ୍କା ଅଚଳ କରିପାରିଛି । ଏହା ମୋଟ ଠକେଇ ପରିମାଣର ମାତ୍ର ୧୧ ପ୍ରତିଶତ ବୋଲି ଜଣାଯାଇଛି ।

ଅପରପକ୍ଷେ, ସମ୍ବଲପୁରର ଜଣେ ବ୍ୟବସାୟୀଙ୍କୁ ସାଇବର ଠକ କୋଟିଏ ଟଙ୍କାର ଚୂନ ମାରିଥିବା ଅଭିଯୋଗ ପଦାକୁ ଆସିଛି । ପୁଞ୍ଜିବଜାର (ସେୟାର ମାର୍କେଟ୍)ରେ ନିବେଶ ଆଳରେ ଠକିଛନ୍ତି । ସଂପୃକ୍ତ ବ୍ୟବସାୟୀ ହ୍ୱାଟ୍ସଆପ୍ ଯୋଗେ ସେୟାର ମାର୍କେଟ୍ ସମ୍ପର୍କିତ ଏକ ମେସେଜ୍ ପାଇଥିଲେ । ପରବର୍ତ୍ତୀ ସମୟରେ ସେ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ । ଟଙ୍କା ନିବେଶ କରିଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ସାଇବର ଠକ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ଟଙ୍କା ନିବେଶ କରିବାକୁ ପଡ଼ିବ ବୋଲି କହିଥିଲେ । ବ୍ୟବସାୟୀଜଣଙ୍କ ସେମାନଙ୍କ କଥାରେ ବିଶ୍ୱାସ କରି ଉକ୍ତ ଆପ୍ ଦ୍ୱାରା ସେୟାର ମାର୍କେଟ୍‌ରେ ଅର୍ଥ ଲଗାଇବା ଆରମ୍ଭ କରିଥିଲେ । କମ୍ପାନୀର ସତ୍ୟାସତ୍ୟ ଜାଣିବା ଲାଗି ଟଙ୍କା ଉଠାଇବାରୁ ଆକାଉଣ୍ଟକୁ ଟଙ୍କା ଆସିଥିଲା । ବିଶ୍ୱାସ ବଢ଼ିବାରୁ ବ୍ୟବସାୟୀଜଣଙ୍କ ଆହୁରି ଟଙ୍କା ଲଗାଇଥିଲେ । ସେୟାର ମାର୍କେଟରୁ ମିଳୁଥିବା ଲାଭାଂଶ ଆପ୍ ୱାଲେଟ୍‌ରେ ଦେଖାଉଥିଲା । କିନ୍ତୁ ଗତ ମାସ ଶେଷ ସପ୍ତାହରେ ସେ ପୁଣିଥରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବାରୁ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା । ସେତେବେଳକୁ ସେ ୧କୋଟି ୩୧ ଲକ୍ଷ ଟଙ୍କା ହରାଇ ସାରିଥିଲେ । ଏ ସଂପର୍କରେ ସେ ସାଇବର ହେଲ୍ପଡେସ୍କ ଓ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ୨୨ଟି ପର୍ଯ୍ୟାୟରେ ଠକ ତାଙ୍କ ପାଖରୁ ୧କୋଟି ୩୧ ଲକ୍ଷ ୮୬ ହଜାର ଟଙ୍କା ନେଇଥିବା ବେଳେ ପୁଲିସ୍ ମାତ୍ର ୬ଲକ୍ଷ ଟଙ୍କା ଥିବା ସାଇବର ଠକଙ୍କ ଏକ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିପାରିଛି ।

### କାଳ ପାଲଟିଛି ପରକୀୟା ପ୍ରୀତି

# ୫ ବର୍ଷରେ ନିଜ ସିନ୍ଦୂର ପୋଛିଛନ୍ତି ୭୮୫ ପତ୍ନୀ

### ➔ ବର୍ଷକୁ ୨୭୫ ସ୍ୱାମୀଙ୍କୁ କରାଯାଉଛି ହତ୍ୟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପରକୀୟାପ୍ରୀତି କାଳ ପାଲଟି ଯାଉଛି । ପତ୍ନୀଙ୍କ ଅବୈଧ ସମ୍ପର୍କ ଲାଗି ଅନେକ ସ୍ୱାମୀଙ୍କ ଜୀବନ ଯାଉଛି । ରାଜା ରଘୁବଂଶୀ ହୁଅନ୍ତୁ ଅବା ମିରଠର ସୌରଭ ରାଜପୁତ କିମ୍ବା ଭିଓ୍ୱାନୀର ପ୍ରବୀଣ ହତ୍ୟାକାଣ୍ଡ ସବୁଥିରେ ପତ୍ନୀ ଏବଂ ତାଙ୍କ ପ୍ରେମିକଙ୍କ ହାତ ରହିଛି । ପରକୀୟାପ୍ରୀତି ପାଇଁ ସମାଜ, ସଂସ୍କୃତି ଏବଂ ସଂସ୍କାରକୁ ବି ଦେଖୁ ନାହାନ୍ତି । ପ୍ରେମ ପାଇବା ପାଇଁ ଛଳ କରୁଛନ୍ତି । ମିଛ କହୁଛନ୍ତି । ଏପରିକି ଅନ୍ୟର ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି । ଗତ କିଛି ବର୍ଷ ହେଲା ଏଭଳି ମାମଲା ଅଧିକ ବୃଦ୍ଧି ପାଇଛି । କାହାର ବିବାହ ପୂର୍ବରୁ ତ ଆଉ କାହାର ବିବାହ ପରେ ପ୍ରେମ ହେଉଛି । ଏହାର ଫଳ ନିରୀହ ସ୍ୱାମୀଙ୍କୁ ଭୋଗିବାକୁ ପଡୁଛି । ହାତ ଧରି ଘରକୁ ଆଣିଥିବା ପତ୍ନୀ ହିଁ ସ୍ୱାମୀ ପାଇଁ କାଳ ପାଲଟି ଯାଉଛି । କେଉଁଠି ନୀଳ ଡ୍ରମରେ ମୃତଦେହ ମିଳୁଛି ତ ଆଉ କେଉଁଠି ହତ୍ୟାକରି ନାଳରେ ଫୋପାଡ଼ି ଦିଆଯାଉଛି । ଏଭଳି ଅନେକ ମାମଲା ଦେଶରେ ଚର୍ଚ୍ଚାରେ ରହିଛି ।



କ୍ରାଇମ ଡାଟା ଏବଂ ରିପୋର୍ଟ ଅନୁଯାୟୀ ଗତ ୫ ବର୍ଷରେ ଦେଶର ୫ ରାଜ୍ୟରେ ୭୮୫ ପତ୍ନୀ ନିଜେ ନିଜ ସିନ୍ଦୂର ପୋଛିଛନ୍ତି । ପରକୀୟାପ୍ରୀତି ପାଇଁ ସ୍ୱାମୀଙ୍କୁ ମାରି ଦିଆଯାଇଛି । ଏହି ରାଜ୍ୟ ମଧ୍ୟରେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ ଏବଂ ମହାରାଷ୍ଟ୍ର ସାମିଲ ରହିଛି । ସେହିପରି ଦେଶରେ ବର୍ଷକୁ ୨୭୫ ସ୍ୱାମୀଙ୍କୁ ହତ୍ୟା କରାଯାଉଛି । ଏହି ତଥ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ମହିଳା କାହିଁକି ଚାହୁଁଛନ୍ତି ବୋଲି ପ୍ରଶ୍ନ ଉଠୁଛି ।

ରିପୋର୍ଟ ଅନୁଯାୟୀ, ସ୍ୱାମୀଙ୍କ ହତ୍ୟାରେ ୟୁପି ଆଗରେ ରହିଛି । ଏଠାରେ ୨୦୨୦ରେ ୨୦ ଜଣ, ୨୦୨୧ରେ ୫୨ ଜଣ, ୨୦୨୨ରେ ୬୦ ଜଣ, ୨୦୨୩ରେ ୫୫ ଜଣ ଏବଂ ୨୦୨୪ରେ ୬୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା । ଏହି କ୍ରମରେ ବିହାରରେ ୩୦ ଜଣ, ୩୫ ଜଣ , ୪୦ ଜଣ, ୩୯ ଜଣ ଏବଂ ୪୨ ଜଣ ସ୍ୱାମୀଙ୍କୁ ମାରି ଦିଆଯାଇଥିଲା । ସେହିପରି ରାଜସ୍ଥାନରେ ଗତ ୫ ବର୍ଷରେ ୨୦ ଜଣ, ୨୫ ଜଣ, ୨୮ଜଣ, ୩୦ ଜଣ, ୩୫ ଜଣ, ମହାରାଷ୍ଟ୍ରରେ ୧୫ଜଣ, ୧୮ ଜଣ, ୨୦ ଜଣ, ୨୨ ଜଣ ଏବଂ ୨୫ ଜଣ, ମଧ୍ୟପ୍ରଦେଶରେ ୧୨ ଜଣ, ୧୫ ଜଣ, ୧୮ ଜଣ, ୨୦ ଜଣ ଏବଂ ୨୨ ଜଣ ସ୍ୱାମୀଙ୍କୁ ହତ୍ୟା କରାଯାଇଥିଲା ।

୨୦୨୨ର ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ ହତ୍ୟାରେ ପ୍ରେମ ବ୍ୟାପାର ତୃତୀୟ ବଡ଼ କାରଣ ହୋଇଛି । ଏକ ଯାଞ୍ଚରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ବର୍ଷ ୨୭୫ ସ୍ୱାମୀଙ୍କୁ ସ୍ତ୍ରୀ ହତ୍ୟା କରୁଛନ୍ତି । ବ୍ରିଟିଶ ମେଡିକାଲ ଜର୍ଣ୍ଣାଲ 'ଦ ଲାନସେଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ମହିଳାଙ୍କ ସମ୍ବନ୍ଧିତ ୬୦ ପ୍ରତିଶତ ହତ୍ୟା ପଛରେ ତାଙ୍କର ବର୍ତ୍ତମାନ କିମ୍ବା ପୂର୍ବତନ ପ୍ରେମିକର ହାତ ରହିଛି । ଦେଶରେ ୧୦ରୁ ଗୋଟିଏ ହତ୍ୟା ପଛରେ ପ୍ରେମିକ, ପତି କିମ୍ବା ପତ୍ନୀ ଦ୍ୱାରା କରାଯାଇଥାଏ । ୨୦୧୦ରୁ ୧୦୧୪ ମଧ୍ୟରେ ପ୍ରେମ ସମ୍ବନ୍ଧ ଏବଂ ସମ୍ପର୍କ ସମ୍ବନ୍ଧିତ ହତ୍ୟାର ଅନୁପାତ ୭ରୁ ୮ ପ୍ରତିଶତ ମଧ୍ୟରେ ଥିଲା । ମାତ୍ର ୨୦୧୫ରୁ ୨୦୨୨ ମଧ୍ୟରେ ଏହା ୧୦ରୁ ୧୧ ପ୍ରତିଶତରେ ପହଞ୍ଚି ଯାଇଛି ।

### ବିବାହ ଖାଦ୍ୟ ବର୍ଜ୍ୟ ବଢ଼ାଉଛି ସଙ୍କଟ

## ପରିତ୍ୟକ୍ତ ଖାଦ୍ୟ ପଚି ଉତ୍ପନ୍ନ କରୁଛି ମିଥେନ୍ ଗ୍ୟାସ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ବିବାହର ଭବ୍ୟତା ବିଶ୍ୱରେ ନିଆରା । ସାଂସ୍କୃତିକ, ପାରମ୍ପରିକ ରୀତିନୀତି ସହିତ ବିଳାସବହୁଳ ପ୍ରୀତି ଭୋଜନ ଏହାକୁ ଆହୁରି ଭବ୍ୟ କରେ । କିନ୍ତୁ ଏଭଳି ଉତ୍ସବରେ ଖାଦ୍ୟ ଅପଚୟର ଟ୍ରେଣ୍ଡ୍ ବଢ଼ିବାରେ ଲାଗିଛି । ଭାରତରେ ବର୍ଷକୁ ୧ କୋଟିରୁ ଅଧିକ ବିବାହ ଉତ୍ସବ ଆୟୋଜିତ ହେଉଛି । ଏହି ଉତ୍ସବ ଦେଶରେ ଖାଦ୍ୟ ଅପଚୟର ଅନ୍ୟତମ ପ୍ରମୁଖ ସ୍ରୋତ, ଯାହା ମିଥେନ ଗ୍ୟାସ୍ ନିର୍ଗମନ ବୃଦ୍ଧି ପଛରେ ମୁଖ୍ୟ କାରଣ ହୋଇଛି । କ୍ଷୁଧା ସହ ମୁକାବିଲା କରୁଥିବା ଏନ୍‌ଜିଓ ଫିଡିଂ ଇଣ୍ଡିଆ ଅନୁସାରେ, ହାରାହାରି ଗୋଟିଏ ଭାରତୀୟ ବିବାହରେ ଯେକୌଣସି ସ୍ଥାନରେ ୩୦-୫୦ କିଲୋ ଖାଦ୍ୟ ନଷ୍ଟ ହେଉଛି । ସେହିପରି ଭବ୍ୟ ବିବାହରେ ଏହି ପରିମାଣ ୮୦୦ କିଲୋକୁ ବୃଦ୍ଧି ହୋଇପାରେ । ବିଶ୍ୱସ୍ତରରେ ଖାଦ୍ୟ ଅପଚୟ ଏକ ଗମ୍ଭୀର ସମସ୍ୟା ହୋଇଛି । ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଏବଂ ୱେଷ୍ଟ୍ ଆଣ୍ଡ ରିସୋର୍ସେସ ଆକ୍ସନ ପ୍ରୋଗ୍ରାମ (ଡବ୍ଲ୍ୟୁଆରଏପି) ଦ୍ୱାରା ଜାରି ଖାଦ୍ୟ ଅପଚୟ ଇଣ୍ଡେକ୍ସ ରିପୋର୍ଟ ୨୦୨୪ ଦର୍ଶାଇଛି ଯେ, ବିଶ୍ୱସ୍ତରରେ ପ୍ରତିଦିନ ୧ କୋଟି ମିଲ୍ ନଷ୍ଟ ହେଉଛି । ଏଥିରେ ଘରୋଇ ବର୍ଜ୍ୟର ସବୁଠୁ ବଡ଼ ଅଂଶ ଅର୍ଥାତ୍ ଏହି ବିଶ୍ୱସ୍ତରୀୟ ଖାଦ୍ୟ ବର୍ଜ୍ୟର ୬୦ ପ୍ରତିଶତରୁ ଅଧିକ ରହିଛି । ଭାରତରେ ବିବାହ ଭୋଜିରେ ବଡ଼ ଆକାରର ବୁଫେର ଆୟୋଜନ, ଅତିଥି ଆକଳନରେ ତ୍ରୁଟି ଏବଂ ଖାଦ୍ୟ



ଦାନ ସମ୍ପର୍କରେ ସାଧାରଣ ସଚେତନତାର ଅଭାବ ଖାଦ୍ୟ ଅପଚୟର କାରଣ । ଏଥିପାଇଁ ଲୋକେ କେବଳ ଭୋକରେ ରହୁନାହାନ୍ତି, ପରିବେଶ ଅବକ୍ଷୟରେ ମଧ୍ୟ ଏହା ଗମ୍ଭୀର ରୂପେ ଦାୟୀ ।

ପରିତ୍ୟକ୍ତ ଖାଦ୍ୟ ଅଳିଆ ଗଦାରେ ଜମା ହୋଇ ପଚିବାକୁ ଲାଗେ । ସେଥିରୁ ମିଥେନ ଗ୍ୟାସ୍ ଉତ୍ପନ୍ନ ହୁଏ । ଏହା ଏକ ଗ୍ରୀନ୍‌ହାଉସ୍ ଗ୍ୟାସ୍, ଯାହା ଉତ୍ତାପନ ସାମର୍ଥ୍ୟ ମାମଲାରେ ଅଙ୍ଗାରକାମ୍ଳ ତୁଳନାରେ ପ୍ରାୟ ୮୦ ଗୁଣ ଅଧିକ ଶକ୍ତିଶାଳୀ । ମିଥେନ ଗ୍ୟାସ୍ ବାୟୁମଣ୍ଡଳରେ ୨୦ ବର୍ଷରୁ ଅଧିକ ସମୟ ରହିପାରେ । ପ୍ରାକ୍-ଔଦ୍ୟୋଗିକ ସମୟରୁ ବିଶ୍ୱ ତାପମାତ୍ରା ବୃଦ୍ଧିରେ ଏହା ୩୦ ପ୍ରତିଶତ ଦାୟୀ ହୋଇ ଆସିଛି । ପ୍ୟାରିସ ଚୁକ୍ତି ଦ୍ୱାରା ସ୍ଥିର ସୀମାକୁ ଜଳବାୟୁ ପରିବର୍ତ୍ତନ ଟପିସାରିଛି । ବିବାହ ଓ ଅନ୍ୟ କାର୍ଯ୍ୟକ୍ରମରେ ଖାଦ୍ୟ ଅପଚୟ ଏହି ସଙ୍କଟକୁ ଆହୁରି ବଢ଼ାଉଛି । ୟୁଏନ୍‌ଇପି ରିପୋର୍ଟ ଉଲ୍ଲେଖ କରିଛି ଯେ, ମାନବକୃତ ମିଥେନ ଗ୍ୟାସ୍ ନିର୍ଗମନକୁ ଦଶନ୍ଧି ମଧ୍ୟରେ ୪୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇ ପାରିବ । ଏହି ପରିବର୍ତ୍ତନ ୨୦୪୫ ସୁଦ୍ଧା ପ୍ରାୟ ୦.୩ ସେଲ୍‌ସିୟସ ବିଶ୍ୱ ଉତ୍ତାପନକୁ ରୋକିପାରେ ଏବଂ ପ୍ୟାରିସ ଚୁକ୍ତିରେ ସ୍ଥିର ହୋଇଥିବା ୧.୫ ଡିଗ୍ରୀ ସେଲ୍‌ସିୟସ ସୀମା ଭିତରେ ପୃଥିବୀକୁ ରଖିପାରେ । ସୂଚନାଯୋଗ୍ୟ, ବିଶ୍ୱସ୍ତରରେ ପ୍ରତି ବର୍ଷ ୧୦୦ କୋଟି ଟନ୍ ଖାଦ୍ୟ ନଷ୍ଟ ହେଉଛି । ବିଶ୍ୱ ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଲୋକ ଖାଦ୍ୟ ଅସୁରକ୍ଷାର ସମ୍ମୁଖୀନ ହେଉଛନ୍ତି । ତନ୍ମଧ୍ୟରୁ ୭୮.୩ କୋଟି ଲୋକ କ୍ଷୁଧାର ସମ୍ମୁଖୀନ ହେଉଛନ୍ତି । ଏହି ଉତ୍କଟ ସ୍ଥିତି ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇଛି ।

# ୧୦ ମାସରେ ସାଢେ ୪ହଜାର ଦୁଷ୍କର୍ମ : ଘରୁ ଗୋଡ଼ କାଢ଼ିବାକୁ ଡରିଲେଣି ମହିଳା

### ➔ ଏକବର୍ଷରେ ପାଖାପାଖି ୨୮ହଜାର ମହିଳା ଓ ଶିଶୁ ନିର୍ଯାତିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଏବେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ । ରାତି କ'ଣ, ଦିନରେ ବି ଘରୁ ବାହାରିବାକୁ ଡରିଲେଣି । ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି । ହିସାବ କଲେ ହାରାହାରି ଦିନକୁ ୧୫ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି । ବିଶେଷକରି ଗଞ୍ଜାମ, ଖୋର୍ଦ୍ଧା, କନ୍ଧମାଳ, ବଲାଙ୍ଗିର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟିଥିବା ଅଭିଯୋଗ ହୋଇଛି । କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ଅଭିଯୁକ୍ତମାନେ ଏବେ ବି ବାହାରେ ବୁଲୁଛନ୍ତି । ପୁଲିସର କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନରେ ବିଳମ୍ବ ଯୋଗୁଁ ଅଭିଯୁକ୍ତମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି ।

ଗତ ୭୨ ଘଣ୍ଟା ଭିତରେ ନାବାଳିକାଙ୍କୁ ଗଣଦୁଷ୍କର୍ମ, ହତ୍ୟା ଓ ଅପହରଣ ଖବର ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି । ବ୍ରହ୍ମପୁରରେ ଦୁଇ ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା ରାଜ୍ୟକୁ ସ୍ତବ୍ଧ କରି ଦେଇଛି । ଗୋଳନ୍ଥରା ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ୪ଜଣ ଗଣଦୁଷ୍କର୍ମ କରିବା ପରି ଜଘନ୍ୟ ଘଟଣା ଘଟିଛି । ଅନୁରୂପ ଭାବରେ ବରଗଡ଼ ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ମାମୁଘରକୁ ଯାଇ ନିଖୋଜ ଥିବା ନାବାଳିକାକୁ ଜଣେ ଯୁବକ ଗୁରୁତର ଅବସ୍ଥାରେ ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ନାବାଳିକାଙ୍କ ମୃତ୍ୟୁ ଘଟିଛି । ବ୍ରହ୍ମପୁରର ଗୋପାଳପୁରରେ ଏହି କିଛି ଦିନ ତଳେ ଘଟିଥିବା ଗଣଦୁଷ୍କର୍ମ ସମସ୍ତଙ୍କୁ ମର୍ମାହତ କରିଛି । ସେହିପରି ସମ୍ବଲପୁରରେ ଜଣେ ପୁଲିସ କର୍ମଚାରୀ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ସାଂଘାତିକ ଅଭିଯୋଗ ହୋଇଛି । ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କନେଷ୍ଟବଳଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ ।

ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଞ୍ଚଳ କାନିସାହି ଓ ହରିପୁର ଗାଁରୁ ଦୁଇ ଜଣ ନାବାଳିକାଙ୍କୁ ଅପହରଣ ଘଟଣାରେ ପୁଲିସ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି । ଏପରିକି ଅପହରଣକାରୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ସମ୍ପୃକ୍ତ ନାବାଳିକାଙ୍କ ପରିବାର ଥାନା ଆଗରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି । ସେହିପରି ରବିବାର କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଇ ସମ୍ପର୍କୀୟ ଭାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ସବୁଠାରୁ ସ୍ପର୍ଶକାତର ବିଷୟଟି ହେଉଛି ଦୁଷ୍କର୍ମ ଓ ମହିଳା ବିରୋଧୀ ହିଂସା ଘଟଣାରେ ପୁଲିସର ଆଭିମୁଖ୍ୟ । ବିଭିନ୍ନ ଅଣ ଅପରାଧିକ କାର୍ଯ୍ୟ, ସୁରକ୍ଷା ଦାୟିତ୍ୱ, ବଡ଼ବଡ଼ିଆଙ୍କ ଗସ୍ତ ଆଦିରେ ପୁଲିସ ଏତେମାତ୍ରାରେ ବ୍ୟସ୍ତ ଯେ ସେମାନେ ଏପରି ମହିଳା ବିରୋଧୀ ହିଂସା ଘଟଣାଗୁଡ଼ିକୁ ତଦନ୍ତ କରିବାକୁ ସମୟ ନ ଥିବା ବାହାନା କାଢୁଛନ୍ତି । ଯାହା ପୀଡ଼ିତା ଓ ସେମାନଙ୍କ ପରିବାରର କଟା ଘା'ରେ ଚୂନ ମାରିବା ପରି ହୋଇଛି ।

୨୦୨୪ ଜୁନରୁ ଡିସେମ୍ବର ୫ ମାସ ମଧ୍ୟରେ ରାଜ୍ୟରେ ୭୬୯ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ । ସେହିପରି ୫୦୯ ମହିଳାଙ୍କୁ ଦୁଷ୍କର୍ମ ଓ ୪୧ଟି ଗଣଦୁଷ୍କର୍ମ ମାମଲା ଘଟିଥିଲା ବୋଲି ସେ ସ୍ୱୀକାର କରିଥିଲେ । ଏହା ସତ୍ତ୍ୱେ ମହିଳା ବିରୋଧୀ ହିଂସାକାଣ୍ଡ ଓ ଦୁଷ୍କର୍ମଗୁଡ଼ିକର ବିଚାର ପାଇଁ ବିଶେଷ ତତ୍ପରତା ରାଜ୍ୟ ପୁଲିସ ପ୍ରକାଶ କରି ନ ଥିବା ଅଭିଯୋଗ ହୋଇଛି । ଉତ୍ତରପ୍ରଦେଶରେ ମହିଳା ବିରୋଧୀ ହିଂସା ଓ ଉତ୍ପୀଡ଼ନ ମାମଲାର ସଜାହାର ୬୮%, ବିହାର ପରି ଅପରାଧପ୍ରବଣ ରାଜ୍ୟରେ ୬୦% ରହିଥିବାବେଳେ ଓଡ଼ିଶାରେ ଏହା ୧୦% ବି ଅତିକ୍ରମ କରିନାହିଁ । ସେହିପରି ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଖବର ସାମ୍ନାକୁ ଆସୁଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଯେଉଁ ଜିଲ୍ଲା ଅଧିକ ଶିକ୍ଷିତ ସେଠାରେ ନାରୀ ନିର୍ଯାତନା ଅଧିକ । ଅନ୍ୟପକ୍ଷରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ହାର କମ୍ ରହିଛି । ଗୋଟିଏ ବର୍ଷରେ ପାଖାପାଖି ୨୮ହଜାର ମହିଳା ଓ ଶିଶୁ ନିର୍ଯାତିତ ହୋଇଛନ୍ତି । ଏମାନଙ୍କ ସଂଖ୍ୟା ଯାଜପୁର ଜିଲ୍ଲାରେ ସର୍ବାଧିକ ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି ।

ଗତବର୍ଷ ରାଜ୍ୟରେ ପାଖପାଖି ୨୮ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ଏହି ସଂଖ୍ୟା ଦୁଇ ହଜାରରୁ ଅଧିକ ରହିଛି । ଗଞ୍ଜାମ, ବାଲେଶ୍ୱର, ଭଦକ୍ର, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଜିଲ୍ଲାରେ ଏଭଳି ନିର୍ଯାତନା ସଂଖ୍ୟା ହଜାରରୁ ଅଧିକ ରହିଛି । ଏହି ଜିଲ୍ଲାଗୁଡ଼ିକରେ ମହିଳାମାନେ ଘରୋଇ ହିଂସା ଓ ଯୌତୁକ ହିଂସାର ଶିକାର ହେଉଥିବା ବେଳେ ଶିଶୁମାନେ ପାଶବିକ ଅତ୍ୟାଚାର ସହିତ ଅପହରଣର ଶିକାର ହେଉଛନ୍ତି । ଆଦିବାସୀ ଅଧ୍ୟୁଷିତ ନୂଆପଡ଼ା, ମାଲକାନଗିରି, ଗଜପତି, ବୌଦ୍ଧ, କଳାହାଣ୍ଡି ଆଦି ଜିଲ୍ଲାରେ ଏହି ନିର୍ଯାତନା ହାର ଅପେକ୍ଷାକୃତ କମ୍ ରେକର୍ଡ କରାଯାଇଛି । ଏହି ସବୁ ଜିଲ୍ଲାରେ ଅପରାଧ ସଂଖ୍ୟା ୭ଶହ ରହିଛି ।

ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ହାର କମାଇବା ପାଇଁ ୬ଶହରୁ ଅଧିକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି । ଏହିସବୁ ଥାନାରେ ମହିଳା ଓ ଶିଶୁମାନଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ପଞ୍ଜୀକରଣର ବ୍ୟବସ୍ଥା ରହିଛି । ସେହିଭଳି ମହିଳାମାନେ ଏଠାକୁ ଆସି ସହଜରେ ମଧ୍ୟ ନିଜର ଅଭିଯୋଗ ଦରଜ କରିପାରିବେ । କିନ୍ତୁ ଏବେ ଏହି ସବୁ ଥାନାରେ ଥିବା ମହିଳା ଶିଶୁ ଡେସ୍କ କାମ କରୁନି । ମନଇଚ୍ଛା ଏହି ଡେସ୍କରେ ପୁରୁଷ ପୁଲିସ ବସୁଛନ୍ତି । ଜଣେ ମହିଳା ନିର୍ଯାତନାର ଶିକାର ହୋଇ ଥାନାକୁ ଗଲେ ସେମାନେ ପୁରୁଷ ପୁଲିସର ସମ୍ମୁଖୀନ ହେଉଛନ୍ତି । ଯାହାଫଳରେ ମହିଳା ଜଣଙ୍କ ଲାଜରେ କିଛିବି ପାଟି ଖୋଲିପାରୁନି । ଅନେକ ସମୟରେ ମହିଳା ଅଭିଯୋଗ ଧରି ଘରକୁ ଫେରି ଆସୁଛନ୍ତି । ବିଶେଷ କରି ସହର ଥାନା ଗୁଡ଼ିକକୁ ଛାଡ଼ିଦେଲେ ଗ୍ରାମାଞ୍ଚଳ ଥାନା ମାନଙ୍କରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି । ସେହିଭଳି ଓଡ଼ିଶାରେ ୩୪ଟି ଶିଶୁ ବନ୍ଧୁ ପୁଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି । ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ସାଇବର ଅପରାଧର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ଶିଶୁ ଏବଂମହିଳା ଅନଲାଇନ୍ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି । ବିପଦରେ ପଡିଥିବା ମହିଳାମାନଙ୍କୁ ଠିକ୍ ସମୟରେ ତ୍ୱରିତ ଏବଂ ସମ୍ବେଦନଶୀଳ ସହାୟତା ପାଇଁ ଡାଏଲ-୧୧୨ କାର୍ଯ୍ୟ କରୁଛି । ଏହାବାଦ୍ ମହିଳା ଓ ଶିଶୁ ନିର୍ଯାତନା ରୋକିବାପାଇଁ ବିଭିନ୍ନ ଅନୁଷ୍ଠାନ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଉଛନ୍ତି । ଏ ବାବଦରେ ମଧ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଛି । ଏହାସତ୍ତ୍ୱେ ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନାରେ ସେଭଳି ଉଲ୍ଲେଖନୀୟ ସୁଧାର ଆସୁନାହିଁ । ବିଶେଷ କରି ଶିଶୁ ନିର୍ଯାତନା ପୁଲିସର ମୁଣ୍ଡ ବିନ୍ଧା କାରଣ ପାଲଟିଛି । କାରଣ ଅଧିକାଂଶ ଶିଶୁ ଏବେ ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି । ଏହା ପଛରେ ପୁଣି ନିଜ ସମ୍ପର୍କୀୟଙ୍କ ହାତ ରହୁଛି ।

# ଗତ ୪ ମାସରେ ରାଜ୍ୟରେ ଶହେରୁ ଉର୍ଦ୍ଧ୍ୱ ଗଡିଛି ମୁଣ୍ଡ : କଥା କଥାକେ ହତ୍ୟା

**କଟକ/ ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଏବେ କଥା କଥାକେ ଗଡୁଛି ମୁଣ୍ଡ । କାହାକୁ ଗାଳି ଦେଲେ ମିଳୁଛି ଗୁଳି ଏବଂ ଖଣ୍ଡାଚୋଟ । ଛୋଟ ଛୋଟ କଥାରେ ଚାଲି ଯାଉଛି ମୂଲ୍ୟବାନ ଜୀବନ । ଏହା ହେଉଛି ଏବେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି । ଉପକୂଳ ଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ସବୁଠି ହତ୍ୟା । ପ୍ରତିଦିନ ରାଜ୍ୟରେ ୩ରୁ ଅଧିକ ହତ୍ୟା ମାମଲା ସାମ୍ନାକୁ ଆସୁଛି । ପରିସ୍ଥିତି ଏମିତି ହେଲାଣି ଯେ ଲୋକମାନେ ଦିନରେ ମଧ୍ୟ ଘରୁ ଗୋଡ଼ କାଢିବାକୁ ଡରିଲେଣି । ବିଶେଷକରି ରାଜଧାନୀ ଏବଂ ଗଞ୍ଜାମ ଜିଲ୍ଲା ପାଲଟିଛି ହତ୍ୟା ହସ୍‌ସ୍ୱଟ୍ । ଏହି ୩ଟି ଜିଲ୍ଲାରେ ଅପରାଧୀମାନଙ୍କୁ ପୁଲିସ ଭୟ ଛାଡ଼ି ଗଲାଣି । ପୂର୍ବ ଶତ୍ରୁତାକୁ ନେଇ କିଏ ରାସ୍ତା ଉପରେ ଗୋଡ଼େଇ ହାଣିଲାଣି ତ, ଆଉ କିଏ ଦିନ ଦ୍ୱି-ପ୍ରହରରେ ଗୁଳିମାଡ଼ କଲାଣି । ଅପରାଧୀଙ୍କୁ ଡରାଇବା ଲାଗି ପୁଲିସର ଏନକାଉଣ୍ଟର ରଣନୀତି କାମ ଦେଉନି । ଫଳରେ କେବଳ ଗତ ୪ ମାସ ଭିତରେ ରାଜ୍ୟରେ ଶହେରୁ ଅଧିକ ହତ୍ୟା ମାମଲା ଘଟିଲାଣି । ବିଶେଷକରି ଟ୍ୱିନ୍‌ସିଟି (କଟକ-ଭୁବନେଶ୍ୱର) ଏବଂ ଗଞ୍ଜାମରେ ୪୦ଟି ହତ୍ୟା ମାମଲା ସାମ୍ନାକୁ ଆସିଛି । କେବଳ ଭୁବନେଶ୍ୱର-କଟକରେ ୨୫ ଜଣଙ୍କର ମୁଣ୍ଡ ଗଡ଼ିଥିବା ବେଳେ ଗଞ୍ଜାମରେ ୧୫ ଏବଂ ବଲାଙ୍ଗୀର ଅଞ୍ଚଳରେ ୧୦ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି ।

ଦୁଷ୍କର୍ମ ସାଙ୍ଗକୁ ଚୋରି, ଡକାୟତି, ଲୁଟ୍, ଅପହରଣ ଓ ହତ୍ୟା ମାମଲା ବଢ଼ି ବଢ଼ି ଚାଲିଛି । ଅପରାଧୀମାନେ ଅଚାନକ ଏମିତି ସକ୍ରିୟ ହୋଇପଡ଼ିଛନ୍ତି ଯେ ସେମାନଙ୍କ ଆକ୍ରମଣରୁ ପୁଲିସ ବି ବର୍ତ୍ତିପାରିନାହିଁ । ଗତ ୪ ମାସ ମଧ୍ୟରେ ରାଜଧାନୀ ଅବସ୍ଥା ମଧ୍ୟ ବେହାଲ ହୋଇପଡ଼ିଛି । ଅପରାଧୀମାନେ ଦିନଦ୍ୱିପ୍ରହରରେ ରାଜଧାନୀ ରାଜରାସ୍ତା ଉପରେ ହତ୍ୟାକାଣ୍ଡ ଘଟାଉଛନ୍ତି । ଜାନୁୟାରୀ ୯ତାରିଖରେ ରସୁଲଗଡ ରେଲୱେ ଓଭରବ୍ରିଜ ଉପରେ ସହଦେବ ନାୟକଙ୍କୁ ଯେପରି ହତ୍ୟା କରାଯାଇଥିଲା, ତାହା ଯେତେ ବୀଭତ୍ସ ସେତେ ଉଦବେଗଜନକ ଥିଲା । ନିଶା କାରବାର ପାଇଁ ସହଦେବଙ୍କୁ ବିଟ୍ ରାସ୍ତାରେ ୪ଜଣ ଗୋଡାଇ ହାଣିଥିଲେ । ସବୁଠାରୁ ବଡ଼ କଥା ହେଲା ଯେ ପ୍ରବାସୀ ଭାରତୀୟ ଦିବସ ଉତ୍ସବ ପାଇଁ ଶହ ଶହ ପୁଲିସ ରାଜଧାନୀରେ ପଇଁତରା ମାରୁଥିବା ବେଳେ ଦିନବେଳା ଏହି ହତ୍ୟାକାଣ୍ଡ ଘଟିଥିଲା । ସେହିଭଳି ଗତ ମାର୍ଚ୍ଚ ୧୬ରେ କଟକ ୪୨ ମଉଜାରେ ହୋଲି ଖେଳକୁ ନେଇ ହତ୍ୟାକାଣ୍ଡ ଘଟିଥିଲା । ନିଶାଗ୍ରସ୍ତ ଅବସ୍ଥାରେ ଗୋଟିଏ ସାଙ୍ଗ ଅନ୍ୟ ସାଙ୍ଗକୁ ଗୁଳି କରି ହତ୍ୟା କରିଥିଲା ।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଲିକିଟିପଦର ପଞ୍ଚାୟତ ସାରେଗଡ଼ା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଡବଲ ହତ୍ୟାକାଣ୍ଡ ଘଟିଛି । ସରପଞ୍ଚଙ୍କ ସ୍ୱାମୀ ଅଗାଧୁ ଗମାଙ୍ଗ ଓ ଶଶୁର ସେମେରା ଗମାଙ୍ଗଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସାମାନ୍ୟ ବଚସାକୁ କେନ୍ଦ୍ର କରି ବରଗଡ଼ ଜିଲ୍ଲା ଭେଡେନ ଥାନା ଅଞ୍ଚଳରେ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିଲା । ବ୍ରହ୍ମପୁର ଅଞ୍ଚଳରେ ଦିନରେ ହତ୍ୟାକାଣ୍ଡ ଘଟିଥିବା ବେଳେ ରାତିରେ ବୋମାମାଡ଼ ହୋଇଛି ।




ଏହିଭଳି ରାଜ୍ୟରେ ପ୍ରତିଦିନ ହତ୍ୟାକାଣ୍ଡ ବଢୁଥିବା ବେଳେ ପୁଲିସ କେବଳ ଶବ ଜବତ କରି ହତ୍ୟା ମାମଲା ରୁଜୁ କରୁଛି । ଅଭିଯୁକ୍ତକୁ ଗିରଫ କରୁଛି । କିନ୍ତୁ ଆଇନ୍ ଶୃଙ୍ଖଳା ରୋକିବା ପାଇଁ ପୁଲିସ ଠୋସ ପଦକ୍ଷେପ ଗ୍ରହଣ କରୁନି । ଏହାକୁ ନେଇ ବିରୋଧୀ ଦଳମାନେ ମଧ୍ୟ ଉଦବେଗ ପ୍ରକାଶ କରିବା ସହିତ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ଅପରାଧୀମାନେ ଯେଭଳି ପୁଲିସକୁ ଆକ୍ରମଣ କରୁଛନ୍ତି, ସେଥିରୁ ଜଣାପଡୁଛି ଯେ ସରକାରଙ୍କ ହାତରୁ ଆଇନଶୃଙ୍ଖଳା ଖସିଯାଇଛି, କିମ୍ବା ଶାସକ ଦଳର କିଛି ସ୍ଥାନୀୟ ନେତାଙ୍କ ଚାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛାଉଛି । ନଚେତ ଏତେ କମ୍ ଦିନ ମଧ୍ୟରେ ଅପରାଧ ଏଭଳି ଉପମରମୁହାଁ ହୋଇନଥାନ୍ତା । ଗତମାସ ଭରତପୁରରେ ସ୍ଥାନୀୟ ଲୋକେ ପୁଲିସ ଉପରେ ଆକ୍ରମଣ କରିବାକୁ ସାହାସ କଲେ କେମିତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଶାସକ ଦଳର ନେତାଙ୍କ ଛତ୍ରଛାୟାରେ ରହି ଅନେକ ଅପରାଧୀ ରାଜ୍ୟବ୍ୟାପୀ ଆତଙ୍କ ଖେଳାଇ ଚାଲିଛନ୍ତି । ପୁଲିସ କହୁଛି ଯେ ଯେଉଁଠି ଅପରାଧ ଘଟୁଛି ପୁଲିସ ସେଠାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଏହାସତ୍ତ୍ୱେ ପ୍ରତିଦିନ ହତ୍ୟାକାଣ୍ଡ ଘଟିବାରେ ଲାଗିଛି । ଏବେ ଠାରୁ ପ୍ରଶାସନ ନଚେତିଲେ ଆଗକୁ ଅପରାଧୀମାନଙ୍କୁ ନିୟନ୍ତ୍ରଣ କରିବା ଏତେ ସହଜ ହେବନାହିଁ ।




## ଅଧ୍ୟାପକଙ୍କ ଜନ୍ମ ତାରିଖ ସଂଶୋଧନ ମାମଲା
# ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ

**କଟକ, ନ୍ୟୁଜ ବ୍ୟୁରୋ**



ଜଣେ ଇଂରାଜୀ ଅଧ୍ୟାପକଙ୍କ ଚାକିରି ସଂପର୍କିତ ଫାଇଲରେ ଜନ୍ମ ତାରିଖ ସଂଶୋଧନ କରିବା କ୍ଷେତ୍ରରେ ଉଚ୍ଚଶିକ୍ଷା ବିଭାଗ ବିଳମ୍ବ କରୁଥିବା ବେଳେ ସେ କିନ୍ତୁ ଏହି ପଦରେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି । ଚାକିରି ସଂକ୍ରାନ୍ତ ଫାଇଲରେ ଜନ୍ମ ତାରିଖ ସଂଶୋଧନ ହୋଇ ନଥିବାରୁ ଅଧ୍ୟାପକ ଜୁନ ୩୦ରେ ଅବସର ଗ୍ରହଣ କରିଥାନ୍ତେ । ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଯାଜପୁର ଅଙ୍ଗାଳୋସ୍ଥିତ ଲଛମନଜିଉ କଲେଜର ଅଧ୍ୟାପକ ଆଲୋକଚନ୍ଦ୍ର ବାରିକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ଅଧ୍ୟାପକ ଜୁନ ୩୦ରେ ଅବସର ନ ନେଇ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ନିଜ ପଦବିରେ କାର୍ଯ୍ୟ କରିବେ । ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ୧୯୮୩ରେ ମାଟ୍ରିକ୍ ପାସ୍ କରିଥିବା ବେଳେ ତାଙ୍କ ଆଡମିଟ୍ କାର୍ଡ ଓ ପ୍ରୋଭିଜନାଲ ସାର୍ଟିଫିକେଟରେ ଜନ୍ମ ତାରିଖ ୧୯୬୭, ଜୁନ୍ ୬ ଉଲ୍ଲେଖ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ୧୯୮୪ରେ ସେ ପାଇଥିବା ଚୂଡାନ୍ତ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମତାରିଖ ୧୯୬୫, ଜୁନ ୬ ବୋଲି ଉଲ୍ଲେଖ କରାଯାଇଥିଲା । ବାରମ୍ବାର ଅନୁରୋଧ ପରେ ବି ତାଙ୍କ ମାଟ୍ରିକ୍ ସାର୍ଟିଫିକେଟରେ ଜନ୍ମ ତାରିଖ ସଂଶୋଧନ ହୋଇ ପାରିନଥିଲା । ୨୦୨୫ ଏପ୍ରିଲରେ ବୋର୍ଡ ପକ୍ଷରୁ ଆବେଦନକାରୀଙ୍କ ଜନ୍ମ ତାରିଖ ସଂଶୋଧନ କରାଯାଇ ସାନି ମାଟ୍ରିକ୍ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହାପରେ ଚାକିରି ସଂପର୍କିତ ଫାଇଲରେ ଜନ୍ମତାରିଖ ସଂଶୋଧନ ପାଇଁ ସେ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରିଥିଲେ । ଆବେଦନକାରୀ ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିବା ଲଛମନଜିଉ କଲେଜର ଅଧ୍ୟକ୍ଷଙ୍କ ତରଫରୁ ଏ ନେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଥିଲା । ଏହାପରେ ମଧ୍ୟ ଆବେଦନକାରୀଙ୍କ ଚାକିରି ସଂପର୍କିତ ଫାଇଲରେ ପ୍ରକୃତ ଜନ୍ମ ତାରିଖ ସଂଶୋଧନ ପାଇଁ ଉଚ୍ଚଶିକ୍ଷା ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି ।

## ଗରିବ କଲ୍ୟାଣ ଓ ବିକାଶ ସମାବେଶ
# ୨୨୦୭.୭ ଲକ୍ଷ ଟଙ୍କାର ୧୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବରଗଡ, ନ୍ୟୁଜ ବ୍ୟୁରୋ**




ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଆରଏମସି ପଡିଆ ଠାରେ ଗରିବ କଲ୍ୟାଣ ଏବଂ ବିକାଶ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୨୨୦୭.୭ ଲକ୍ଷ ଅଟକଳ ମୂଲ୍ୟର ସମୁଦାୟ ୧୬ ଗୋଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ଓଡିଶା ସରକାରଙ୍କ ଏକ ବର୍ଷର ଉପଲବ୍ଧି ତଥା ବରଗଡ଼ର ବିକାଶରେ ଓଡିଶା ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଜିଲ୍ଲାର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ, କର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ଜିଲ୍ଲା ସାଂସ୍କୃତି ଭବନ ନିର୍ମାଣ ତଥା ସମ୍ପ୍ରସାରଣ ପାଇଁ ୧୪୫. ୮ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଭିତ୍ତି ପ୍ରସ୍ତର ସ୍ଥାପନ ସହ କ୍ରୀଡା ଓ ଯୁବସେବା ବିଭାଗ ଅଧୀନରେ ଜାମୁଡ଼ା ଠାରେ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ୮୦୦. ୦ ଲକ୍ଷ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ମୋଟ ୧୨୬୧. ୯ ଲକ୍ଷ ଅଟକଳ ମୂଲ୍ୟର ୧୪ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୬ ଗୋଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ସମ୍ମାନନୀୟ ଅତିଥି ଭାବେ ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ସନତ କୁମାର ଗଡତିଆ ମଞ୍ଚାସୀନ ହୋଇ ସରକାରଙ୍କ ଏକ ବର୍ଷର ଉପଲବ୍ଧି ସହ ନିଜ କାର୍ଯ୍ୟର ରିପୋର୍ଟ କାର୍ଡ ଉପସ୍ଥାପନ କରିଥିବା ବେଳେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ମଂଚାସୀନ ଥିଲେ । ମୁଖ୍ୟ ଅତିଥି ତଥା ସମସ୍ତ ସମ୍ମାନିତ ଅତିଥିଙ୍କ ଦ୍ୱାରା ଜିଲ୍ଲାର ସଫଳ ମହିଳା ଚାଷୀ ଭାବେ କୁର୍ଲା ଗ୍ରାମର ଶ୍ରୀମତୀ ମାଣିକ୍ୟ ପ୍ରଧାନଙ୍କ ସମେତ ସଫଳ ସୁଭଦ୍ରା ହିତାଧିକାରୀ ଭାବେ ଶ୍ରୀମତୀ ସମର୍ପିତା ରାଉତ, ସଫଳ ଲକ୍ଷପତି ଦିଦି ଶ୍ରୀମତୀ ଅଞ୍ଜଳି ମହାକୁର, ଅନ୍ତର୍ଜାତୀୟ ଜୁନିୟର ଲେଭେଲ ଆଥଲେଟ ଶ୍ରୀମାନ ପ୍ରତୀକ ମହାରଣା, ଜାତୀୟ ଯୋଗ ପତିଯୋଗିତାରେ ବ୍ରଞ୍ଜ ପଦକ ବିଜେତା ରଞ୍ଜିତା ଭୁଏ ଏବଂ ଜାପାନରୁ ଦୁଇ ଚକିଆ ଯାନ ମେକାନିଜିମ ପ୍ରଶିକ୍ଷଣ ଗ୍ରହଣ କରିଥିବା ଦିବ୍ୟସା ପ୍ରଧାନଙ୍କୁ ସମ୍ମାନିତ କରିବା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ଜୟନ ନାଗ, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ହିତାଧିକାରୀ ସୁରେଶ ପାଣି, ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ଶ୍ରୀମତୀ ବାସନ୍ତୀ କର୍ଣ୍ଣ ଏବଂ ଶ୍ରୀମତୀ ସୁଷମା ବିଶିଙ୍କୁ ସରକାରୀ ସୁବିଧା/କାର୍ଯ୍ୟାଦେଶ ପ୍ରଦାନ ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଶ୍ରୀମତୀ ଗନ୍ଧର୍ବୀ ସାହୁଙ୍କୁ ୧,୬୧,୨୮୦/- ଟଙ୍କା ଏବଂ ୨୫୦୦ ମେଟ୍ରିକ ଟନ ବିଶିଷ୍ଟ ଶୀତଳ ଭଣ୍ଡାରର ବିଜୁଳି ଖର୍ଚ୍ଚର ୫୦% ରିହାତି ବାବଦକୁ ସାଇ କୋଲ୍ଡ ଷ୍ଟୋରେଜ ବରଗଡର ମାଲିକ ଆର. ଶାଇକିରଣଙ୍କୁ ରାଜ୍ୟ ଯୋଜନରୁ ୩,୦୭,୭୮୦/- ଟଙ୍କାର ସବସିଡି/ ସହାୟତା ରାଶି ପ୍ରଦାନ କରିଥିଲେ । ଏତଦବ୍ୟତୀତ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଭବ୍ୟ ଆୟୋଜନ ତଥା ସଫଳତା ପାଇଁ ଧନନ୍ୟବାଦ ଉପହାର ସ୍ୱରୂପ ଧନୁଯାତ୍ରା କଫିଟେବୁଲ ବୁକ ଓ ସ୍ମରଣିକା ଧନୁସ୍ତ୍ରଭାକୁ ମହୋତ୍ସବ ସମିତିର ସଭାପତି ତଥା ଜିଲ୍ଲାପାଳ ଏବଂ ସମ୍ପାଦକ ସୁରେଶ୍ୱର ଶତପଥୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ପ୍ରଦାନ କରିଥିଲେ । ପରିଶେଷରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାର ବିଭିନ୍ନ ଥାନା ପାଇଁ ଲୋକାର୍ପିତ ହେଲା ଚାରିଚକିଆ ଯାନ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଥାନାକୁ ଆଜି ରାଜ୍ୟ ନୂଆଁ ସରକାରଙ୍କ ପକ୍ଷରୁ ୮ଟି ନୂଆଁ ଚାରି ଚକିଆ ଭାଇକିଲ ପ୍ରଦାନ ଯାଇଛି । ଏହାର ଶୁଭାରମ୍ଭ କରିଛନ୍ତି ଆଜି ଜିଲ୍ଲା ର ନୂଆଁ ଏସପି ନାରାୟଣ ନାୟକ । ଜିଲ୍ଲାର ସମସ୍ତ ଫାଣ୍ଡି ଓ ଥାନା ମାନଙ୍କୁ ଏ ଗାଡ଼ି ଗୁଡ଼ିକ ଶୀଘ୍ର ପହଞ୍ଚାଇ ଦିଆଯିବ ଯାହା ଦ୍ୱାରା କି ବିଭିନ୍ନ ଅପହଞ୍ଚ ଅଞ୍ଚଳକୁ ଘଟଣା ଦୁର୍ଘଟଣା ଜାଗାକୁ ପୋଲିସ ଅଧିକାରୀ କର୍ମଚାରୀ ପହଞ୍ଚିବାକୁ ସୁବିଧା ହେବ ବୋଲି ଏସପି ମିଡିଆଙ୍କୁ ସୂଚନା ଦେଇଥିବା ବେଳେ ଏହା ଦ୍ୱାରା କଡା କଡି ପାଟ୍ରୋଲିଂ କରି ଜିଲ୍ଲାରେ ଅସାମାଜିକ କାର୍ଯ୍ୟ କଳାପ ଓ ସମସ୍ତ ଅପରାଧକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ମଧ୍ୟ ଏସପି ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏସପି ନାୟକଙ୍କ ସମେତ ଅତିରିକ୍ତ ଏସପି, ଡି ଏସ ପି ଓ ସମସ୍ତ ଥାନା ଭାରପ୍ରାପ୍ତ ଅଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



ନୂଆଦିଲ୍ଲୀର ହାଉସଖାଜ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପ-ସଭାପତି ବୈଜୟନ୍ତ ପଣ୍ଡା, ଦିଲ୍ଲୀ ରାଜ୍ୟ ସଭାପତି ବୀରେନ୍ଦ୍ର ସଚଦେବ, ବିଧାୟକ ସତୀଶ ଉପାଧ୍ୟାୟଙ୍କୁ ରବିବାର ମନ୍ଦିର କାର୍ଯ୍ୟାଳୟରେ ରଥଯାତ୍ରା ମହୋତ୍ସବ ଅବସରରେ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଉଛି ।

# ଇଭି ଗାଡ଼ି ପଞ୍ଜୀକରଣରେ ରାଜ୍ୟରେ ଷଷ୍ଠ ସ୍ଥାନରେ ଗଞ୍ଜାମ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**



ପରିବେଶ ପ୍ରଦୂଷଣକୁ ରୋକିବା ଲାଗି ସମ୍ପ୍ରତି ଇନ୍ଧନ ଚାଳିତ ଯାନବାହନ ବଦଳରେ ବ୍ୟାଟେରୀ ଚାଳିତ ଯାନ ତଥା ଇଭି ଯାନ ବ୍ୟବହାର ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ବ୍ୟାପକ ସଚେତନତା କରୁଛନ୍ତି । ଗାଡ଼ି କିଣିବାପାଇଁ ବିଭିନ୍ନ ଯୋଜନାରେ ରିହାତି ଓ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି । ତେବେ ପରିତାପର ବିଷୟ ହେଉଛି, ପ୍ରଚାର ପ୍ରସାର ସତ୍ତ୍ୱେ ଗଞ୍ଜାମ ଜିଲ୍ଲା ଇଭି ଯାନ ପଞ୍ଜିକରଣ କ୍ଷେତ୍ରରେ ପଛରେ ରହିଛି । ବିଭିନ୍ନ କାରଣରୁ ଅନ୍ୟ ଜିଲ୍ଲା ତୁଳନାରେ ଜିଲ୍ଲାବାସୀ ଇଭି ଯାନ କିଣିବାକୁ ପଛଘୁଂଚା ଦେଉଛନ୍ତି । ଇଭି ଯାନ ପଞ୍ଜିକରଣ କ୍ଷେତ୍ରରେ ଗଞ୍ଜାମ ସମଗ୍ର ଓଡ଼ିଶାରେ ଷଷ୍ଠ ସ୍ଥାନରେ ରହିଥିବା ରାଜ୍ୟ ପରିବହନ ମନ୍ତ୍ରଣାଳୟରୁ ତଥ୍ୟ ହସ୍ତଗତ ହୋଇଛି । ଗଞ୍ଜାମରେ ଗତ ୫ ବର୍ଷ ମଧ୍ୟରେ ୭୭୬୫ ଟି ବ୍ୟାଟେରିଚାଳିତ ଦୁଇ ଚକିଆ ଯାନ, ୫୧୦ଟି ତିନିଚକିଆ ଯାନ ଓ ୫୭ଟି ଅନ୍ୟାନ୍ୟ ବ୍ୟାଟେରୀଚାଳିତ ଯାନ ବିକ୍ରି ହୋଇଛି । ଚାରିଚକିଆ ବ୍ୟାଟେରୀଚାଳିତ ଯାନ ଗୋଟିଏ ବି ବିକ୍ରି ହୋଇନାହିଁ । ଜନସଂଖ୍ୟା ଦୃଷ୍ଟିକୋଣରୁ ଗଞ୍ଜାମ ରାଜ୍ୟରେ ଆଗରେ ରହିଥିଲେ ସୁଦ୍ଧା ଇଭି ଯାନ କ୍ରୟ ପାଇଁ ଅନୁକୂଳ ପରିବେଶ ନ ଥିବା କାରଣରୁ ଗ୍ରାହକ ଆଜି ମଧ୍ୟ ପାରମ୍ପରିକ ଇନ୍ଧନଚାଳିତ ଗାଡ଼ି କିଣିବାକୁ ପ୍ରାଥମିକତା ଦେଉଛନ୍ତି । ବ୍ରହ୍ମପୁର ସହରର ଜଣେ ଇଭି ଗାଡ଼ି ସୋ ରୁମ୍ ମାଲିକଙ୍କ କହିବା ଅନୁସାରେ ବ୍ୟାଟେରିଚାଳିତ ଯାନ କ୍ରୟ ଉପରେ ସରକାର ରିହାତି ପ୍ରଦାନ କରୁଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଏହାର ସରଞ୍ଜ୍ ?ମର ମୂଲ୍ୟ ଅନ୍ୟ ଇନ୍ଧନଚାଳିତ ଗାଡ଼ି ତୁଳନାରେ ଅଧିକ । ସେହିପରି କିଛି ପ୍ରମୁଖ ସ୍ଥାନରେ ଚାର୍ଜିଂ ଷ୍ଟେସନ୍ ନାହିଁ । ଫଳରେ ଦୂରଦୂରାନ୍ତକୁ ଯାଉଥିବା ଗ୍ରାହକଙ୍କ ପାଇଁ ଇଭି ଯାନ ଗ୍ରହଣଯୋଗ୍ୟ ହୋଇପାରୁନାହିଁ । ଇଭି ପଲିସିରେ ପରିବର୍ତନ କରାଯାଇ ଗ୍ରାହକଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ପ୍ରଦାନ କରାଯାଇପାରିଲେ ପଞ୍ଜିକରଣ ବଢ଼ିପାରିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରିବା ପାଇଁ ଗୋଟିଏ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ବିଭିନ୍ନ ସ୍ଥାନରେ ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରାଯାଉଥିବା ସରକାର କହୁଛନ୍ତି । କିନ୍ତୁ ଗଞ୍ଜାମରେ ଏହି କ୍ଷେତ୍ରରେ ସମସ୍ୟା ଦେଖାଦେଇଛି । ଏହା ସହ ଇଭି ପଲିସି ବି ସ୍ଥାଣୁ ପାଲଟିଛି । ରାଜ୍ୟ ପରିବହନ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଗତ ପାଂଚ ବର୍ଷରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୪୧୯୮୨ ଇଭି ଯାନ ପାଇଁ ପଞ୍ଜିକରଣ ହୋଇଛି । ସେହିପରି ଦ୍ୱିତୀୟରେ କଟକ (୧୮୯୦୪), ତୃତୀୟରେ ପୁରୀ (୧୦୩୩୬), ଚତୁର୍ଥରେ ସୁନ୍ଦରଗଡ଼ (୯୮୦୨) ଓ ପଂଚମରେ ବାଲେଶ୍ୱର (୯୨୪୮) ରହିଛି ।

# ବନ ବିଭାଗ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ରାଇଘର, ନ୍ୟୁଜ ବ୍ୟୁରୋ**



ଜଙ୍ଗଲ ଜମିରେ ମକା ଚାଷ ରୋକିବାକୁ ଯାଇଥିବା ସମୟରେ ବନ ବିଭାଗ ଦୁଇ କର୍ମଚାରୀଙ୍କୁ କୁସୁମପୁର, ନାକଟିସେମେଡା ଗ୍ରାମ କିଛି ଲୋକ ମରଣାନ୍ତକ ଆକ୍ରମଣ କରିଥିଲେ । ଦୁଇ ଗ୍ରାମର କିଛି ଲୋକଙ୍କୁ ରାଇଘର ପୋଲିସ ତଦନ୍ତ ପାଇଁ ଡାକିଥିଲେ, ସେହିମାନଙ୍କୁ ବନବିଭାଗ କର୍ମଚାରୀମାନେ ନେଇ ଡାକବଙ୍ଗଳାରେ ମାଡ଼ ମାରିଛନ୍ତି ଯାହା ଫଳରେ ସାତ ଜଣ ଗୁରୁତର ଆହତ ହୋଇ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । କୁସୁମପୁର, ନାକଟିସେମେଡା ଆଖପାଖ ଗ୍ରାମର ଲୋକ ରାଇଘରରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ଜଣାପଡିଛି । ପ୍ରାପ୍ତ ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ରାଇଘର ଅଧୀନରେ ନାକଟିସେମେଡା କୁସୁମପୁର ସନ୍ଧିରେ ଥିବା ସଂରକ୍ଷିତ ଜଙ୍ଗଲରେ କିଛି ଗ୍ରାମବାସୀ ମକା ଲଗାଉଥିଲେ । ଠିକ ଏହି ସମୟରେ କୁନ୍ଦେଇ ବନ ବିଭାଗର କିଛି କର୍ମଚାରୀ ସେଠାରେ ପହଞ୍ଚି ବାରଣ କରିବାରୁ ଉଭୟ ପକ୍ଷରୁ ବଚସା ହେବା ସହ ହାତାହାତି ହୋଇଥିଲେ । ଶେଷରେ କିଛି ଲୋକ କୁନ୍ଦେଇ ଫରେଷ୍ଟର ହରିହର ବ୍ରହ୍ମା ଓ ଗାର୍ଡ଼ ଦୀପକ କୁମାର ପ୍ରଧାନଙ୍କୁ ନିର୍ଦ୍ଧମ ମାଡ଼ ମାରିଥିଲେ । ଆହତ ଅବସ୍ଥାରେ ଫରେଷ୍ଟର ଶ୍ରୀ ବ୍ରହ୍ମା ଓ ଗାର୍ଡ଼ ଶ୍ରୀ ପ୍ରଧାନ ସ୍ଥାନୀୟ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ରାଇଘର ଥାନାରେ ଲିଖିତ ଜଣାଇଥିଲେ । ନାକଟିସିମଡ଼ା ଓ କୁସୁମପୁର ସନ୍ଧିରେ ରହିଥିବା ପ୍ରାୟ ୪୦୦ ହେକ୍ଟରରୁ ଊର୍ଦ୍ଧ୍ୱ ସଂରକ୍ଷିତ ଜଙ୍ଗଲକୁ କୁସୁମପୁର, ଆମାବେଡା ଓ ଜୈଲଗୁଡା ଗ୍ରାମର କିଛି ଲୋକ ଜଙ୍ଗଲ ସଫା କରି ପ୍ରାୟ ୨୫ରୁ ୩୦ ବର୍ଷ ଧରି ମକା ଚାଷ କରୁଥିବା ଜଣାପଡ଼ିଛି । ଉକ୍ତ ଜଙ୍ଗଲ ଜମିରେ ଚଳିତ ବର୍ଷ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରିବାକୁ ନିଷ୍ପତ୍ତି ନିଆ ଯାଇଛି । ସେଥିପାଇଁ ନାକଟିସିମଡ଼ା ବିଟରେ ନର୍ସରୀ କରାଯାଇ ଚାରା ପ୍ରସ୍ତୁତ ଚାଲିଛି । ନାକଟିସିମଡ଼ା ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୭୫ ହଜାର ଗଛ ଲାଗିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପେକ୍ଷୀରେ ଚଳିତ ବର୍ଷ ନାକଟିସେମେଡା ଓ କୁସୁମପୁର ସନ୍ଧିରେ ଗଛ ଲଗାଇବାକୁ ବନ ବିଭାଗ ପକ୍ଷରୁ ଖାଲ ମଧ୍ୟ ଖୋଳା ଯାଇଥିଲା । ଏହାପରେ ଉକ୍ତ ଖାଲ ଖୋଳା ଯାଇଥିବା ଜମିରେ କୁସୁମପୁର, ଆମାବେଡା ଓ ଜୈଲଗୁଡ଼ା ଆଦି ଗ୍ରାମର ଗ୍ରାମବାସୀ ଚାଷ କାମ କରୁଥିବା ବେଳେ ନାକଟିସିମଡ଼ାର କିଛି ଲୋକ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କୁନ୍ଦେଇ ଫରେଷ୍ଟର ଶ୍ରୀ ବ୍ରହ୍ମାଙ୍କ ନେତୃତ୍ୱରେ କିଛି ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଚାଷ କରୁଥିବା ଲୋକଙ୍କୁ ବାରଣ କରିବା ଫଳରେ ଉଭୟ ପକ୍ଷରୁ ବଚଷା ହୋଇଥିଲା । ଶେଷରେ ଏହା ଉଗ୍ର ରୂପ ନେଇ ଫରେଷ୍ଟର ଶ୍ରୀ ବ୍ରହ୍ମା ଓ ଗାର୍ଡ଼ ଶ୍ରୀ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ । ଦୁହେଁ ଆହତ ହେବା ଖବର ପାଇ ସ୍ଥାନୀୟ ରେଞ୍ଜର ରାଇଘର ପୁଲିସକୁ ଜଣାଇବା ପରେ ଘଟଣା ସ୍ଥଳରୁ ଦୁହିଁଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଅନ୍ୟ ପକ୍ଷରେ ଏ ନେଇ ରେଞ୍ଜର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୬।୨୦୨୫, ଆଷାଢ଼ ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୧।୧୦** **ଚନ୍ଦ୍ରୋଦୟ- ଦିଘ ୯।୪୨।୫୮**

**ପଞ୍ଚମୀ-** ଦିଘ ୯।୨୪ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର-** ପ୍ରାଘ ୭।୨୨ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୯।୨୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୬ ଗତେ ଘ ୧୦।୩୧ ମଧ୍ୟେ, ରାଘ ୯।୧୯ ଗତେ ଘ ୧୦।୨୦ ମଧ୍ୟେ । **ପର୍ବୋତ୍ସବ-** ମଘା ପଞ୍ଚମୀ ସ୍ନାନ ।


**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।


**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।


**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।


**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।


**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।


**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।


**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।


**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।


**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।


**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।


**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।


**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୦୧।୭।୨୦୨୫, ଆଷାଢ଼ ଦି୧୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୧।୨୮** **ଚନ୍ଦ୍ରୋଦୟ- ଦିଘ ୧୦।୩୪।୦୬**

**ଷଷ୍ଠୀ-** ଦିଘ ୧୦।୨୧ ପର୍ଯ୍ୟନ୍ତ । **ପୂର୍ବା ଫାଲ୍ଗୁନୀ ନକ୍ଷତ୍ର-** ଦିଘ ୮।୫୫ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଦିଘ ୩/ ୨୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ଦୀଘ ୩/ ୨୪ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର ଦିଘ ୩/ ୨୪ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ଦିଘ ୧୧।୨୧ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୫ ଗତେ ଘ ୦୬।୫୪ ମଧ୍ୟେ, ଦିଘ ୪।୪୭ ଗତେ ଘ ୫।୩୩ ମଧ୍ୟେ । **ପର୍ବୋତ୍ସବ-** ବିପତାରିଣୀ ବ୍ରତ । ହେରାପଞ୍ଚମୀ, ଚିକିତ୍ସକ ଦିବସ

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଦେଶରେ ବୟସ୍କଙ୍କ ସଂଖ୍ୟା ଅଧିକ

ଭାରତରେ ଜନସଂଖ୍ୟା ବଢୁଛି, ହେଲେ ଜନ୍ମ ହାର କମୁଛି। ଭାରତର ଜନସଂଖ୍ୟା ୨୦୨୫ ସୁଦ୍ଧା ୧.୪୬ ବିଲିୟନ ଛୁଇଁବ। ଏଥି ସହିତ ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରର ମାନ୍ୟତା ପାଇବ ବୋଲି ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି । ୟୁନାଇଟେଡ ନେସନ ପପୁଲେସନ ଫଣ୍ଡର ଷ୍ଟେଟ ଅଫ ୱାର୍ଲଡ ରିପୋର୍ଟ-୨୦୨୫ରେ ପ୍ରଜନନ କ୍ଷମତା ହ୍ରାସ ପାଉଥିବା ନେଇ ଉଦ୍ବେଗ ପ୍ରକାଶ କରାଯାଇଛି । ଏଥିରେ କୁହାଯାଇଛି, ଭାରତରେ ଲକ୍ଷାଧିକ ଲୋକ ସେମାନଙ୍କର ପ୍ରକୃତ ପ୍ରଜନନ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ନୁହନ୍ତି। ରିପୋର୍ଟରେ କୁହାଯାଇଛି, ଏଠାରେ ମୁଖ୍ୟ ସମସ୍ୟା ଅଳ୍ପ ଜନସଂଖ୍ୟା ବା ଅଧିକ ଜନସଂଖ୍ୟା ନୁହେଁ। ସମସ୍ୟା ହେଉଛି ଜଣେ ବ୍ୟକ୍ତିର ପ୍ରଜନନ କ୍ଷମତା । ଅର୍ଥାତ, ଜଣେ ବ୍ୟକ୍ତିର ସେକ୍ସ, ଗର୍ଭନିରୋଧକ ଏବଂ ପରିବାର ଆରମ୍ଭ କରିବା ସମ୍ପର୍କରେ ୧୫୦ ପ୍ରତିଶତ ସ୍ୱତନ୍ତ୍ର ନିଷ୍ପତି ନେବାର କ୍ଷମତା । ରିପୋର୍ଟରେ ଆହୁରି କୁହାଯାଇଛି, ଭାରତର ମୋଟ ଜନ୍ମହାର ପ୍ରତି ମହିଳାଙ୍କ ପିଛା ୨.୯ରୁ ୧.୯କୁ ହ୍ରାସ ପାଇଛି । ଅର୍ଥାତ ଗୋଟିଏ ପିଢୀରୁ ଆଉ ଗୋଟିଏ ପିଢୀ ଯାଏଁ ଜନସଂଖ୍ୟା ହାର ସ୍ଥିର ରଖିବା ପାଇଁ ଯେତିକି ଜନ୍ମହାର ରହିବା କଥା ତାହା ରହୁ ନାହିଁ । କାରଣ ଅଧିକାଂଶ ମହିଳା କମ ସନ୍ତାନ ଚାହୁଁଛନ୍ତି । ତେବେ ଖୁସିର କଥା, ଜନ୍ମହାରରେ ଏପରି ଶିଥିଳତା ସତ୍ତ୍ୱେ ଭାରତରେ ଯୁବଗୋଷ୍ଠୀଙ୍କ ସଂଖ୍ୟା ଉତ୍ସାହଜନକ ଅଟେ । ଦେଶରେ ଶୂନ୍ୟରୁ ୧୪ ବର୍ଷ ଯାଏ ଜନସଂଖ୍ୟା ୨୪ ପ୍ରତିଶତ ଥିବାବେଳେ ୧୦ରୁ ୧୯ ବର୍ଷ ଯାଏ ଜନସଂଖ୍ୟା ୧୭% ରହିଛି । ୧୦ରୁ ୨୪ ବର୍ଷ ଯାଏ ୨୬% ରହିଛି । ଦେଶର ୬୮% ଜନ ସଂଖ୍ୟା ୱାର୍କିଂ ଗ୍ରୁପର ଅଛନ୍ତି ଯାହା ଦେଶକୁ ଅଧୀକ ଶକ୍ତିଶାଳୀ ଓ ଦକ୍ଷ କରିପାରିଛି । ଦେଶରେ ବୟସ୍କଙ୍କ ଜନସଂଖ୍ୟା ଅର୍ଥାତ ୬୫ରୁ ଅଧିକ ବାୟସ ଲୋକଙ୍କ ସଂଖ୍ୟା ୭% ରହିଛି। ହେଲେ ଆୟୁ କାଳବୃଦ୍ଧି ପାଉଥିବା କାରଣରୁ ଆଗାମୀ ଦଶନ୍ଧୀ ସୁଦ୍ଧା ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ୨୦୨୫ ସୁଦ୍ଧା ପୁରୁଷଙ୍କ ଆୟୁ କାଳ ୭୧ ବର୍ଷ ଏବଂ ମହିଳାଙ୍କର ୭୪ ବର୍ଷ ରହିବ ବୋଲି ଅନୁମାନ କରାଯାଉଛି। ଜାତିସଂଘ ରିପୋର୍ଟ ଅନୁସାରେ, ବର୍ତ୍ତମାନ ଭାରତର ଜନସଖ୍ୟ ୧,୪୬୩.୯ ମିଲିୟନ ରହିଛି । ଯାହା ବି ହେଉ, ଭରତ ଏବେ ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଅଟେ। ଏହାର ଜନସଂଖ୍ୟା ଏବେ ୧.୫ ବିଲିଅନ ଅଟେ । ଏହି ସଂଖ୍ୟା ବୃଦ୍ଧି ପାଇ ୧.୭ ବିଲିୟନରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି । ପ୍ରାୟ ୪୦ ବର୍ଷ ପରେ ଜନସଂଖ୍ୟା ହ୍ରାସ ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ୧୯୬୦ରେ ଭାରତର ଜନସଂଖ୍ୟା ୪୩୬ ମିଲିୟନ ଥିଲା ଏବଂ ଅଧିକାଂଶ ମହିଳାଙ୍କର ପାଖାପାଖି ୬ ସନ୍ତାନ ଥିଲେ । ହେଲେ ଏବେ ସମୟ ବଦଳିଛି। ମହିଳାମାନେ ଶିକ୍ଷିତ ହେବ ସହ ନିଜର ଆର୍ଥିକ କ୍ଷମତା ଅନୁସାରେ ଗୋଟିଏ ବା ଦୁଇଟି ସନ୍ତାନ ଚାହୁଁଛନ୍ତି। ସଂଯୁକ୍ତ ରାଷ୍ଟ୍ରର ରିପୋର୍ଟ ଅନୁସାରେ ଭାରତକୁ ମଧ୍ୟମ ଆୟୁ ବର୍ଗ ଦେଶ ସମୂହରେ ରଖା ଯାଇଛି, ଯେଉଁଠି ଜନସଖ୍ୟା ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ଭାରତ ଜନସଂଖ୍ୟା ଦୁଇଗୁଣ ହେବାପାଇଁ ପ୍ରାୟ ୭୯ ବର୍ଷ ଲାଗିପାରେ ବୋଲି ଏହି ରିପୋର୍ଟରେ କୁହାଯାଇଛି ।



## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଗୀତାମୃତ ଲହରୀ

ଷଷ୍ଠ ଅଧ୍ୟାୟ

(କହଇ ମନ ଆରେ-ବୃତ୍ତେ)

ଷଷ୍ଠ ଅଧ୍ୟାୟ କଥା କହିବି ମୁହିଁ
ଧ୍ୟାନ ଯୋଗେ ତୋ ମନ ଦିଅ ଲଗାଇରେ ।
କର୍ମ ଫଳକୁ ତେଜି କର୍ତ୍ତବ୍ୟ କର,
ସମତ୍ୱ ସାଧି ସାଧୁ ହୁଅ ସତ୍ୱର ରେ ।୧।

ଆତ୍ମାରେ ହିଁ ଆତ୍ମାର ହୁଏ ଉଦ୍ଧାର ।
ନିବୃତ୍ତି ମାର୍ଗେ ଧ୍ୟାନ ଧାରଣ ସାର ରେ ।
ବ୍ରହ୍ମଚର୍ଯ୍ୟାଦି ମହାବ୍ରତକୁ ପାଳ,
ପରମ ଲୟ କରି ହୁଅ ନିଶ୍ଚଳରେ ।୨।

ସବୁ ଜୀବଙ୍କୁ ଦେଖ ଆପଣା ପରି
ବ୍ରହ୍ମତ୍ୱରେ ନିଜକୁ ପକା ପାସୋରି ରେ।
ନିନ୍ଦା ପ୍ରଶଂସା ତୋତେ ବାଧିବ ନାହିଁ,
ଯୋଗାରୂଢ ନାମକୁ ବହିବୁ ତୁହି ରେ ।୩।

ଶୁଣି କୁନ୍ତୀ ନନ୍ଦନ ଏସନ ରୀତି
ମନ ମଧ୍ୟରେ ବଡ କରିଣ ଭୀତି ଯେ ।
ପୁଣି ପୁଚ୍ଛଇ ପ୍ରଭୁ ଏ ଅତି କଷ୍ଟ
ମନ ଆୟତ୍ତ ହେବା ଅଟେ ଗରିଷ୍ଠ ଯେ ।୪।

ଉତ୍ତର ଦେବା ସୁଖେ ସାରଙ୍ଗଧର
ବୋଲନ୍ତି ଯା ବୋଇଲୁ ଉଚିତ ଗିର ରେ ।
ଯତ୍ନରେ ରତ୍ନ ମିଳେ ରଖିଥା ଜାଣି,
ଚେଷ୍ଟା ବଳେ ଅସାଧ ସାଧନ୍ତି ପ୍ରାଣୀରେ ।୫।

(କ୍ରମଶଃ)

# ଦାରୁବ୍ରହ୍ମଙ୍କ ପତିତପାବନ ଯାତ୍ରା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କୋଟିବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ। ଓଡ଼ିଶା ଭୂମିକୁ ନିଜର ବାସସ୍ଥାନ ରୂପେ ଗ୍ରହଣ କରିଛନ୍ତି; ଅନୁଗୃହୀତ କରିଛନ୍ତି ଓଡ଼ିଆ ଜାତିକୁ; ପୂତ ପବିତ୍ର ହୋଇଯାଇଛି ଏ ଦେଶ ମାଟି, ପାଣି, ପବନ। ସେ ଯେ ଓଡ଼ିଶାର, ଏକଥା କହିବାରେ ଦ୍ୱିଧାବୋଧ କରାଯାଇ ନପାରେ। କିନ୍ତୁ ସାରା ବିଶ୍ୱ ତାଙ୍କ ପାଦପଦ୍ମାଶ୍ରୟୀ। ମହାବାହୁ, ଭକ୍ତଜନ-ପ୍ରାଣ-ବଲ୍ଲଭ, ଦୀନବନ୍ଧୁ, ଦଇତାରି, କରୁଣାସାର, କୃପାସିନ୍ଧୁ, ମହାପ୍ରଭୁ-ଏମିତି ଶ୍ରଦ୍ଧାଳୁମାନେ ତାଙ୍କୁ ଡ଼ାକନ୍ତି ସହସ୍ର ନାମରେ; ଆପଣାକୁ ସମର୍ପି ଦିଅନ୍ତି ସେଇ ଦର୍ପଦଳନ, ବଇରୀ ଗଞ୍ଜନଙ୍କ ନିକଟରେ। ଓଡ଼ିଆର ସେ ଗେହ୍ଲାପୁଅ କାଳିଆ, କାଳିଆଦିଅଁ, କାଳିଆସାଆନ୍ତ। ଏମିତି ସମ୍ବୋଧନରେ ଭରି ରହିଛି ଶ୍ରଦ୍ଧା, ଭକ୍ତି, ପ୍ରେମ; ଅକଳନୀୟ ଆନ୍ତରିକତା, ଆତ୍ମୀୟତା। ଶ୍ରୀମନ୍ଦିର ରତ୍ନ ସିଂହାସନରେ ବିଜେ କାଳିଆରାଜା, ଛତିଶ ପଉଟି ଭୋଗ, ସଜମଲ୍ଲୀଫୁଲ ଗଜରା, ଦେବଦାସୀ ନାଚ, ଗଜମୋତି ଚୂନପାନ, ପାଟପତନୀ, ତୁଳୀତଳ୍ପ ଶେଯ- ଏସବୁ ନିତି ଖଞ୍ଜା ତାଙ୍କ ପାଇଁ। ସବୁ ବିଳାସପୂର୍ଣ୍ଣ ବ୍ୟବସ୍ଥା ସତ୍ତ୍ୱେ, ସାଧାରଣ ଓଡ଼ିଆଟିଏ ପରି ତାଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା। ନୀତି-କାନ୍ତି, ନୈବେଦ୍ୟ, ସେବା, ପର୍ବପର୍ବାଣି, ଯାନି ଯାତ୍ରା- ପ୍ରତିଟିରେ ରହିଛି ଓଡ଼ିଆ-ଜୀବନ କଥା, ପ୍ରଥା, ପରଂପରା। ଗୋଟେ କଥାରେ କହିଲେ, ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଶା ସଂସ୍କୃତି। ସ୍ୱୟଂ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଧର୍ମ, ଧନ, ଗୌରବ, ଐତିହ୍ୟ, ସାହିତ୍ୟ, ସଂସ୍କାର, ଜାତୀୟତା- ସବୁକିଛି। ଓଡ଼ିଶା ଜଗନ୍ନାଥଙ୍କୁ ନେଇ ମହିମାନ୍ୱିତା, ବିଶ୍ୱବିଦିତା। ଠାକୁରଦେଶ କହିଲେ ଓଡ଼ିଶାକୁ ହିଁ ବୁଝାଏ। ଏହା ଜଗନ୍ନାଥ ଦେଶର ସ୍ୱତନ୍ତ୍ର ପରିଚୟ।

ଶ୍ରୀ ଜଗନ୍ନାଥଙ୍କ ମର୍ତ୍ତ୍ୟଲୀଳା, ଅଲୌକିକ ବିଭୂତି, ସବୁ ବିଶ୍ୱକଲ୍ୟାଣ ପାଇଁ ଉଦ୍ଦିଷ୍ଟ। ତାଙ୍କୁ ଶ୍ରୀମନ୍ଦିରରେ ଦର୍ଶନକଲେ ଅଶେଷ ପୁଣ୍ୟ ମିଳେ; ଏପରିକି ଜଗନ୍ନାଥ ତୀର୍ଥ ସ୍ମରଣ, କୈବଲ୍ୟ ପ୍ରାପ୍ତ ହୁଏ। ଭକ୍ତି ରଜ୍ଜୁରେ ସେ ଆବଦ୍ଧ। ଶ୍ରୀକ୍ଷେତ୍ରରେ ନାହିଁ ଭେଦାଭେଦ, ଆଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକ, ଅଭିନ୍ନ। ରତ୍ନବେଦୀରେ ଶ୍ରୀଜୀଉମାନେ। ସବୁ ସଂପ୍ରଦାୟର ଭକ୍ତଗଣ ଦର୍ଶନ କରିବା ସମ୍ଭବ ହୋଇନଥାଏ। ସେଇଥିପାଇଁ କାଳିଆ ସାଆନ୍ତେ, ବରଷକେ ଥରୁଟିଏ, ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ। ରଥାରୂଢ଼ ହୋଇ ଯାଆନ୍ତି ଗୁଣ୍ଡିଚା ଘର। ତାଙ୍କ ଦର୍ଶନରେ ଭକ୍ତଜନ ମନ-ଚାତକ ତୃଷ୍ଣା ମେଣ୍ଟେ। ଯଥାର୍ଥରେ ସେ ପତିତଜନ ପରିତ୍ରାତା- ପତିତପାବନ। ନୀଳାଚଳ ନାଥ ଜଗନ୍ନାଥ ଜଗତର ଆନନ୍ଦ କନ୍ଦ, ଭକ୍ତଜନ ଦୁଃଖହାରୀ। ତାଙ୍କୁ ଭକ୍ତିପୂତ ପ୍ରଣତି ବାଢ଼େ ସାରାବିଶ୍ୱ। ଭକ୍ତଟିଏ ଗଦ୍‌ଗଦ୍ ହୋଇ ଗାଇଥାଏ, "ନୀଳାଚାଳ ନିବାସାୟ ନିତ୍ୟାୟ ପରମାତ୍ମନେ/ ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ / ଜଗଦାନନ୍ଦ କନ୍ଦାୟ ପ୍ରାଣତାର୍ତ୍ତି ହରାୟ ଚ / ନୀଳାଚଳ ନିବାସାୟ ଜଗନ୍ନାଥାୟତେ ନମଃ।" କଥିତ ଅଛି- "ଭାରତେ ଚୈତ୍କଳ ଦେଶେ ଭୂସ୍ୱର୍ଗ ପୁରୁଷୋତ୍ତମ / ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ।" ଉତ୍କଳାଧୀଶ୍ୱରଙ୍କ ଏହି ଯାତ୍ରା, ନବଦିନଯାତ୍ରା, ଗୁଣ୍ଡିଚାଯାତ୍ରା, ରଥଯାତ୍ରା, ଅନ୍ତର୍ବେଦୀ ମହୋତ୍ସବ, ଆଡ଼ପମଣ୍ଡପ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା, ଘୋଷଯାତ୍ରା, ମହାବେଦୀ ଉତ୍ସବ - ଏମିତି ଭାବେ ନାମିତ। ଗୁଣ୍ଡିଚା, ବାହୁଡ଼ା - ଏ ଦୁଇ ଉତ୍ସବ; ଏକ ରଥୋତ୍ସବ। ଏହା ତ୍ରିଅବୟନା ଯାତ୍ରା। (ଶ୍ରୀଗୁଣ୍ଡିଚା ଯାତ୍ରା, ମହାବେଦୀରେ ସାତଦିନ ଅବସ୍ଥାନ, ବାହୁଡ଼ା ଯାତ୍ରା) ଭାବେ ପ୍ରସିଦ୍ଧ। ଧୂଳି ଧୂଷରିତ ବଡ଼ ଦାଣ୍ଡରେ ଭକ୍ତଙ୍କ ସମାବେଶ। ହଲି ହଲି, ଝୁଲି ଝୁଲି ଆସନ୍ତି ଶ୍ରୀଜଗନ୍ନାଥ। ତାଙ୍କୁ ଦେଖିଲେ ସ୍ୱତଃ ପ୍ରତୀୟମାନ ହୁଏ; ସେ କେବଳ କୋଟିବ୍ରହ୍ମାଣ୍ଡ ପ୍ରଭୁ ନୁହନ୍ତି; ପତିତପାବନ। ଶ୍ରୀଗୁଣ୍ଡିଚା ଯାତ୍ରାର ଅନ୍ୟ ନାମ ପତିତପାବନ-ଯାତ୍ରା। ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରେ ସ୍ନାନ, ଗୁଣ୍ଡିଚାଯାତ୍ରା ଅତୀବ ଗୁରୁତ୍ୱପୂର୍ଣ୍ଣ। ଏକଥା ନୀଳାଦ୍ରୀମହୋଦୟ - ଦ୍ୱିତୀୟ ଛାନ୍ଦରେ ବର୍ଣ୍ଣିତ, "ସ୍ନାନ ଗୁଣ୍ଡିଚା ଶୟନଯାତ୍ରା ଅନ୍ତେ ଅୟନ / ପାରୁଶ ପରିବର୍ତ୍ତନ ଉତ୍‌ଥାନ ଓଢ଼ଣ / ମକର ଅଭିଷେକ ଦୋଳ ଦମନକ ଚନ୍ଦନ / ୟେ ରୂପେ ଦ୍ୱାଦଶ ଉତ୍ସବ ୟେକୋ ୟେକେ ସଘନ।"

ଆଷାଢ଼ ମାସ, ପୁଷ୍ୟାନକ୍ଷତ୍ରଯୁକ୍ତ ଶୁକ୍ଳ ଦ୍ୱିତୀୟା। ପ୍ରଭୁଙ୍କ ପହଣ୍ଡି ବଜେ 'ନନ୍ଦିଘୋଷ'କୁ। ବଡ଼ଭାଇ ଶ୍ରୀ ବଳଭଦ୍ର ତାଳଧ୍ୱଜ ରଥାରୂଢ଼, ଦେବୀ ସୁଭଦ୍ରା 'ଦେବୀଦଳନ' ରଥରେ, ତାଙ୍କ ସୁରକ୍ଷା ପାଇଁ ଆୟୁଧ ସୁଦର୍ଶନ ମଧ୍ୟ ବିଜେ ମା'ଙ୍କ ରଥରେ। ଗହଗହ ନାଦରେ ଫାଟିପଡେ ବଡ଼ଦାଣ୍ଡ। କୋଟି କୋଟି ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ଚଉଦିଗ। ଇନ୍ଦ୍ର ପୁଷ୍ପବୃଷ୍ଟି କରନ୍ତି, ସବୁ ଦେବଦେବୀ ଓହ୍ଲାଇ ଆସନ୍ତି ବଡ଼ ଦାଣ୍ଡକୁ, ଦର୍ଶନ କରନ୍ତି ମହାପ୍ରଭୁଙ୍କ ଏଇ ଅନନ୍ୟ ଲୀଳାକୁ। ଉତ୍କଳର ଗଜପତି ଠାକୁର ରାଜା, ହାତରେ ସୁବର୍ଣ୍ଣ ସମାର୍ଜନୀ। ରଥରେ ଛେରା ପହଁରା କରନ୍ତି। ସାରା ବିଶ୍ୱ ଦେଖେ ଏ ବିରଳ ଦୃଶ୍ୟ। ମହାପ୍ରଭୁଙ୍କ ଅଶେଷ ଦୟା, ଅନୁକମ୍ପାରୁ ତାଙ୍କର ପାର୍ଥିବ ପଦମର୍ଯ୍ୟାଦା, ଉଲ୍ଲେଖନୀୟ ସଫଳତା, ସୁଖ ସମୃଦ୍ଧି - ସବୁ ସମ୍ଭବ। ରାଜା ସାଧାରଣ ପ୍ରଜାଠାରୁ ବଡ଼ ନୁହନ୍ତି। ଛେରା ପହଁରା ପରଂପରା। ସୂଚିତ ହୋଇଛି ଜଗନ୍ନାଥ ସଂସ୍କୃତିର ସାମ୍ୟବାଦୀ ଚେତନା। ଅନୁରୂପ ଭାବଟି ରଥଟଣାରେ ପ୍ରକଟିତ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷ, ନାହିଁ ବାଛବିଚାର। ଶ୍ରଦ୍ଧାଳୁମାନେ ରଥ ଦଉଡ଼ି ଭିଡି ନିଅନ୍ତି ଗୁଣ୍ଡିଚା ଘର। ବାହୁଡା ଦଶମୀରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ, ପୁନଶ୍ଚ ରଥ ଟାଣି ଟାଣି ଆଣନ୍ତି। ଏହି ମନୋରମ ଦୃଶ୍ୟ। ପତିତପାବନ ଯାତ୍ରାର ସାର୍ଥକତା ସ୍ୱତଃ ଉପଲବ୍ଧ କରାଏ। ଏହାର ପବିତ୍ରତା, ମହାନତା, ତଥା ପ୍ରାସଙ୍ଗିକତା। ଏ ସମ୍ପର୍କରେ ଦେବୀ ଭାଗବତ କହେ, " ଆଷାଢ଼ସ୍ୟ ସିତେ ପକ୍ଷେ ଦ୍ୱିତୀୟାୟାଂ ଶୁଭଦିନେ/ ଶ୍ରୀଜଗନ୍ନାଥ ଦେବସ୍ୟ ଗୁଣ୍ଡିଚା ଭବତି ଧ୍ରୁବ/ ରଥସ୍ଥଚଂ ଜଗନ୍ନାଥଂ ପ୍ରାୟତଂ ଗୁଣ୍ଡିଚା ଗୃହଂ/ ଯେ ପଶ୍ୟନ୍ତି ନରଶ୍ରେଷ୍ଠା - ସ୍ତେ ଧନ୍ୟା ଭୁବନ ତ୍ରୟେ।"

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ଗଣଦେବତା। ହିନ୍ଦୁଧର୍ମର ଅନ୍ୟ କୌଣସି ଦେବତା ଗଣ ଦେବତା ନୁହନ୍ତି । ସାଧାରଣ ଜନତାଙ୍କ ଆଧାତ୍ମିକ ଅଭିଳାଷରୁ ଜଗନ୍ନାଥ ଉଦ୍ଭୂତ। ଏକଦା ଋଗ୍ ବେଦର ପ୍ରାଚୀନତମ ମନ୍ତ୍ରାବଳୀ ଅଜ୍ଞାତ ଥିଲା। ସେ ସମୟରେ ମଧ୍ୟ ଓଡ଼ିଶାର ସରଳ ବିଶ୍ୱାସୀ ଶବରମାନଙ୍କ ଦ୍ୱାରା ଦାରୁଦେବତା ରୂପେ ଶ୍ରୀଜଗନ୍ନାଥ ପୂଜିତ। ଭୋଜନ ପାଇଁ ଉଦ୍ଦିଷ୍ଟ ଖାଦ୍ୟ, ଶବରମାନେ ନୈବେଦ୍ୟରୂପେ ସମର୍ପଣ କରୁଥିଲେ। ସମୟର କ୍ରମ ବିବର୍ତ୍ତନ। ଶତାବ୍ଦୀ ଶତାବ୍ଦୀ ଧରି ରାଜକୀୟ ବିଳାସ ଢ଼ଙ୍ଗ। ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଚଳିଆସିଛି। ବ୍ରାହ୍ମଣ, ଶବର - ଉଭୟ ସେବାୟତ। ମହାପ୍ରଭୁଙ୍କ ନିତି ସହ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ। ଶ୍ରୀ ଜୀଉମାନଙ୍କର ସ୍ନାନଯାତ୍ରାଠାରୁ ଅଣସର ଅବଧି; ଘୋଷଯାତ୍ରା ସମାପନ। ଏ ସମୟରେ ଦଇତା ସେବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା। ଆର୍ଯ୍ୟ ଅନାର୍ଯ୍ୟ ସଂସ୍କୃତିର ମହାମିଳନ - ଏକଥା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନୁରୂପ ଭାବରେ ମହାପ୍ରଭୁଙ୍କ ନବକଳେବର ବିଧି ସମ୍ପନ୍ନ। ଏଥିରେ ଦଇତାପତିମାନଙ୍କର ମଧ୍ୟ ମୁଖ୍ୟ ଭୂମିକା।

ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତୀକାତ୍ମକ। ବିଭିନ୍ନ ଧର୍ମାବଲମ୍ବୀମାନେ, ନିଜ ନିଜର ଇଷ୍ଟ ଦେବତା ଭାବେ ଆପଣେଇ ନେବାରେ କୌଣସି ଅସୁବିଧା ହୁଏନି । ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ପାଇଁ ସେ ତଥାଗତ ବୁଦ୍ଧ, ଜୈନଙ୍କ ପାଇଁ ମହାବୀର ଜୀନ, ବୈଷ୍ଣବମାନଙ୍କର ସେ ଶ୍ରୀ ବିଷ୍ଣୁ; ଗୌଡୀମାନଙ୍କର କଳାକାହ୍ନୁ । ଶାକ୍ତମାନେ ତାଙ୍କୁ ମହାଭୈରବ, ଗାଣପତ୍ୟମାନେ ଗଣପତି ରୂପେ ଗ୍ରହଣ କରିଛନ୍ତି। ଏଣୁ ଶ୍ରୀଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ସଂପ୍ରଦାୟର ନୁହଁନ୍ତି । ଜଗନ୍ନାଥ ଧର୍ମ ଅସାମ୍ପ୍ରଦାୟିକ ଧର୍ମ। ଏହାର ଚକ୍ଷୁଷ ପ୍ରମାଣ ଶ୍ରୀଜୀଉଙ୍କ ଘୋଷଯାତ୍ରା।

ପତିତପାବନ ଯାତ୍ରାରେ ପତିତଜନ ଉଦ୍ଧାର ଆଦର୍ଶ ପ୍ରକଟିତ। ମହାଯାନ ବୌଦ୍ଧଧର୍ମାଲମ୍ବୀଙ୍କ ଦ୍ୱାରା ଏହି ଆଦର୍ଶ ପ୍ରବର୍ତ୍ତିତ ହୋଇଥିଲା। ରଥାରୂଢ଼ ଶ୍ରୀଜଗନ୍ନାଥ, ଗୁଣ୍ଡିଚାଯାତ୍ରାରେ ଉଭା ହୁଅନ୍ତି ଭକ୍ତଙ୍କ ଗହଣରେ। ଭକ୍ତ ଭଗବାନ ଏକ, ଏକାକାର। ଓଡ଼ିଶାର ଠାକୁରରାଜମାନେ। ବର୍ଷ ବର୍ଷ ଧରି ଗମ୍ଭୀରାରେ ରଖିଲେ। ଭୋଗବିଳାସ ଖଞ୍ଜା କରିଦେଲେ। ଏହାସତ୍ତ୍ୱେ; ରଥଯାତ୍ରାରେ ମହାପ୍ରଭୁ ସାଧାରଣ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ତାହା ସ୍ମରଣ କରାଇଦିଏ ଅତୀତକୁ। ଏକଦା ସେ ସରଳ, ନିଷ୍କପଟ ଶବରମାନଙ୍କ ସଂସ୍ପର୍ଶରେ ଆସୁଥିଲେ; ଅଧୁନା ମଧ୍ୟ ସହସ୍ର ସହସ୍ର ଭକ୍ତଜନଙ୍କୁ ସାକ୍ଷାତ ଦର୍ଶନ ଦେଉଛନ୍ତି, କୃପାବାରି ବର୍ଷଣ କରୁଛନ୍ତି। ସତରେ ଏମିତି ଠାକୁର ବ୍ରହ୍ମାଣ୍ଡରେ ନାହାନ୍ତି। ପ୍ରଭୁ ସ୍ୱୟଂ ଆସନ୍ତି ପତିତଜନଙ୍କ ପାଖକୁ। ମର୍ତ୍ତ୍ୟ ପରିଣତ ହୋଇଯାଏ ଭୂସ୍ୱର୍ଗରେ।

ଶ୍ରୀ ଜଗନ୍ନାଥଙ୍କୁ ସାମ୍ୟର ପ୍ରତୀକରୂପେ ଗ୍ରହଣ କରାଯାଇଛି। ରତ୍ନ ସିଂହାସନାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ବର୍ଣ୍ଣ। ଏଥିରେ ସାମାଜିକ ସମତାର ସୂଚନା ନିହିତ। ବଳଭଦ୍ରଙ୍କ ଶୁକ୍ଳ ବର୍ଣ୍ଣ ପ୍ରତିମା ଶ୍ୱେତକାୟ କକେସୀୟ; ସୁଭଦ୍ରାଙ୍କ ହରିଦ୍ରାବର୍ଣ୍ଣ ମଙ୍ଗୋଲୀୟ, ଜଗନ୍ନାଥଙ୍କ କୃଷ୍ଣବର୍ଣ୍ଣ କୃଷ୍ଣକାୟ ନିଗ୍ରୋ, ରକ୍ତବର୍ଣ୍ଣ ସୁଦର୍ଶନଙ୍କୁ ଲୋହିତ ଭାରତୀୟଙ୍କ ପ୍ରତୀକଭାବେ ଗ୍ରହଣ କରାଯାଏ। ହିନ୍ଦୁଶାସ୍ତ୍ରାନୁଯାୟୀ ଶ୍ୱେତବର୍ଣ୍ଣ ବ୍ରାହ୍ମଣ, ରକ୍ତବର୍ଣ୍ଣ କ୍ଷତ୍ରିୟ, ହରିଦ୍ରାବର୍ଣ୍ଣ ବୈଶ୍ୟ, କୃଷ୍ଣବର୍ଣ୍ଣକୁ ଶୂଦ୍ରମାନଙ୍କ ସହିତ ସଂଯୁକ୍ତ। ଏହି ବର୍ଣ୍ଣଗୁଡିକ ଜାତିର ପ୍ରତୀକ। ଫଳତଃ ଶ୍ରୀମନ୍ଦିରରେ ଅବା ପତିତପାବନ ଯାତ୍ରାରେ ବର୍ଣ୍ଣଭେଦର ବିଚାରନାହିଁ।

ଶ୍ରୀଜଗନ୍ନାଥ ସାର୍ବଜନୀନ ଦେବତା। ଯିଏ ତାଙ୍କୁ ଯେଉଁଠି ଡାକିଲା, ଯେଭଳି ନିଜକୁ ସମର୍ପଣ କଲା, ସେହିପ୍ରକାର ଫଳ ପ୍ରାପ୍ତହେଲା। ଯବନ କବି ସାଲବେଗ। ନନ୍ଦିଘୋଷ ରଥରେ ପରଂବ୍ରହ୍ମ ଜଗନ୍ନାଥଙ୍କୁ ଦେଖିବାର ତାଙ୍କର ବ୍ୟାକୁଳତା। ନିଜକୁ ହୀନ, ଯବନ କହି ସମର୍ପଣ କରିଦେଇଛନ୍ତି। ରଚନା କରିଛନ୍ତି ରାଶି ରାଶି ଭଜନ। ବିହ୍ୱଳ ହୋଇ ଗାଇଛନ୍ତି, "ଜଗବନ୍ଧୁ ହେ ଗୋସାଇଁ / ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ/ ସାତଶ ପଂଚଶ କୋଶ ଚଳି ନ ପାରଇ/ ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି / ଆଗେ ଚଳେ ବଳଭଦ୍ର ମଧ୍ୟେ ଚନ୍ଦମୁହିଁରେ / ଆସୁଛି କାଳିଆ ପଛେ ଗହଣ ଲଗାଇରେ।" ଭକ୍ତକବି ପ୍ରାଣ, ବୃନ୍ଦାବନ ଶିରିରେ ପରିପୂର୍ଣ୍ଣ, ମନ ପ୍ରାଣ ଆତ୍ମା ତୃପ୍ତ। ଭକ୍ତ ଦାସିଆ ବାଉରି। ଶ୍ରାଶ୍ରୁନୟନରେ ଆପଣାର ହୃଦ-ଭକ୍ତି ଅର୍ଘ୍ୟ ନିବେଦନ। ପଠାନ୍ତି ବାଡି ନଡ଼ିଆଟିଏ। ଭାବବିନୋଦିଆ ହରି ହାତ ବଢ଼ାଇ ନେଇ ଯାଇଛନ୍ତି। ଭକ୍ତ ବଳରାମ ଦାସଙ୍କ ମାନ ରକ୍ଷା। ଏଥି ପାଇଁ ବାଙ୍କି ମୁହାଣୀରେ ପ୍ରଭୁଙ୍କ ବିଜେ ବାଲିରଥରେ। ଗର୍ବ ମତ୍ତ ଠାକୁରରାଜା, ଅହଂକାରୀ ପୂଜାପଣ୍ଡା, ସମସ୍ତଙ୍କ ଗର୍ବଗଞ୍ଜନ କରିଛନ୍ତି ମହାପ୍ରଭୁ, ଭକ୍ତର ଟେକ ରଖିଛନ୍ତି। ଏସବୁ କିମ୍ବଦନ୍ତୀର ଅଂଶବିଶେଷ; ମାତ୍ର ଘୋଷଯାତ୍ରାରେ ବିଶ୍ୱର ସବୁ ଧର୍ମାବଲମ୍ବୀ ଭକ୍ତଙ୍କ ଏକତ୍ର ସମାବେଶ, ଏହାକୁ ଗଣଯାତ୍ରାରେ ପରିଣତ କରିଛି।

ମହାପ୍ରଭୁଙ୍କ ଘୋଷଯାତ୍ରାର ଆଉ ଗୋଟିଏ ବିଶେଷତ୍ୱ। ପତିତଜନଙ୍କ ପାଇଁ ପ୍ରଭୁଙ୍କର ଦଶାବତାର ରୂପ ଧାରଣ। କୁସୁମଲାଗି ବେଳେ ମୀନ ଅବତାର, ସେନାପଟା ବାହୁଟି ଲାଗି ବେଳେ ନରସିଂହ, ରଥାରୂଢ଼ ବେଳେ ବାମନ, ଆଡ଼ପ ଡୋରଲାଗି ସମୟରେ ପରଶୁରାମ, ଆଡ଼ପରାଖାରେ ରାଘବଚନ୍ଦ୍ର ଅବତାର, ହେରୋତ୍ସବରେ ବ୍ରଜେନ୍ଦ୍ର ନନ୍ଦନ, ଅନ୍ତର୍ବେଦୀ ମହୋତ୍ସବ ବେଳେ ବୌଦ୍ଧ ଅବତାର। ଏମିତି ଭକ୍ତଜନ ମନ ମୋହି ନିଅନ୍ତି।

ବଡ଼ ଦାଣ୍ଡରେ ଗଡୁଛି ନନ୍ଦିଘୋଷ। ମହାପ୍ରଭୁ ଯାଇଥିଲେ ଉତ୍ତରାଭିମୁଖୀ ହୋଇ ଗୁଣ୍ଡିଚାଘର, ଦକ୍ଷିଣାଭିମୁଖୀ ହୋଇ ବାହୁଡୁଛନ୍ତି ନୀଳକନ୍ଦର। ପାପୀ, ତପି, ଯୋଗୀ, ଭୋଗୀ, ରୋଗୀ, ରାଜା, ରଙ୍କ - ସଭିଏଁ ଦେଖୁଛନ୍ତି ଚକାନୟନକୁ। ଭାଗ୍ୟଦେବୀ ଅନୁକୂଳ। ଏମନ୍ତ ଦୁର୍ଲ୍ଲଭ ଦୃଶ୍ୟ ଦେଖିବାର ଅପୂର୍ବ ସୁଯୋଗ। ମିଳିଯାଏ ପ୍ରତିପଦରେ ଅଶ୍ୱମେଧ ଯଜ୍ଞାନୁଷ୍ଠାନର ପୁଣ୍ୟଫଳ। ନୀଳାଦ୍ରିମହୋଦୟ ଷୋଳଶ ଅଧ୍ୟାୟ, ଏଥିରେ ଉଲ୍ଲେଖ ଅଛି, "ଉତ୍ତରାଭି ମୁଖେ ଜାତେ ତଥା ଦକ୍ଷିଣାଦିଙ୍ମୁଖେ/ ରଥ ତ୍ରୟେ ଜନୋଯସ୍ତୁ ଭକ୍ତି ଶ୍ରଦ୍ଧାନ୍ୱିତଃ ପରମ୍ / ରାମକୃଷ୍ଣଂ ସୁଭଦ୍ରାଂ ଚ ପଶ୍ୟେନ୍ମାର୍ଗେ ରଥେ ସ୍ଥିତମ୍ / ପଦେ ପଦେଽଶ୍ୱମେଧାନାଂ ଫଳଂ ପ୍ରାପ୍ୟ ମହୀତଳେ।" ବଡଦେଉଳ ଚୂଡ଼ା, ଫରଫର ଉଡୁଛି ନେତ। ଭକ୍ତଟି ଅଧିର ହୋଇ ଗାଉଛି, "ନୀଳଚକ୍ରେ ହୋ ଦେଖ ଉଡୁଛି ବାନା, ପତିତ ପାବନ ନାମଟି ଯା' ନାଁ/ ଆସ ଆସ ବୋଲି ପାତକିମାନଙ୍କୁ ଡ଼ାକୁଅଛି ପରା ସଂଗାତ! ଅନା / ନେତ ଧ୍ୱଜାବର ଉଡି ଫର ଫର / ଉଡ଼ାଇ ଦେଉଛି ଭବଯାତନା।" ଜଗତ ଜନ-ଉଦ୍ଧାରଣ ପାଇଁ ଦାରୁବ୍ରହ୍ମଙ୍କ ଘୋଷଯାତ୍ରା। କରୁଣା ସାଗରରୁ ବିନ୍ଦୁଟିଏ, ପାଇବା ପାଇଁ ବର୍ଷବର୍ଷ ଚାତକ ନୟନରେ ଭକ୍ତଟି ଚାହିଁରହେ। ସ୍ୱୟଂ ଶ୍ରୀଜଗନ୍ନାଥ ତା ପାଇଁ ଓହ୍ଲାଇ ଆସନ୍ତି ରତ୍ନବେଦୀରୁ। ନବଦିନ ବ୍ୟାପୀ ଏହି ପତିତପାବନ ଯାତ୍ରା। ସାରା ବିଶ୍ୱବାସୀ ସନ୍ଦର୍ଶନ କରି କୈବଲ୍ୟ ପ୍ରାପ୍ତ ହୁଅନ୍ତି। ସତରେ ଏମିତି ଠାକୁର ଆଉ କାହିଁ ଅଛନ୍ତି ! ଯଥାର୍ଥରେ,

"ଦୋଳେନ ଦୋଳଗୋବିନ୍ଦଂ
ଚପେଶ୍ଚ ମଧୁସୂଦନଂ
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।"

ଜୟ ଜଗନ୍ନାଥ!

# ବିଡମ୍ବିତ ଶିଶୁ ଶ୍ରମିକ ଓ ତାର ପ୍ରତିକାର



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଶିଶୁମାନେ ହିଁ ଦେଶର ଭବିଷ୍ୟତ ଓ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷା ଦେବା ପ୍ରତ୍ୟେକ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ। ଏକଥାକୁ ଦୃଷ୍ଟିରେ ରଖି ଆନ୍ତର୍ଜାତୀୟସ୍ତରଠାରୁ ଆରମ୍ଭକରି ଜାତୀୟସ୍ତର ଓ ବିଭିନ୍ନ ରାଜ୍ୟରେ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି, ବିଭିନ୍ନ ଯୋଜନା ରୂପାୟନ ହୋଇଛି । ଉଦ୍ଦେଶ୍ୟ ହେଲା ଶିଶୁକୁ ବଞ୍ଚିବାର ଅଧିକାର, ନିରାପତ୍ତା ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତାମତ ପ୍ରକାଶ କରିବାର ଅଧିକାର ଦେବା ସହ ତାର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ କରାଇ ତାକୁ ଏକ ଉତ୍ତମ ନାଗରିକ ଓ ସୁଯୋଗ୍ୟ ଦାୟାଦ ରୂପେ ଗଢିବା । ଏହିସବୁ ପ୍ରାଥମିକ ମୌଳିକ ଅଧିକାର ଗୁଡିକ ମଧ୍ୟରୁ ଶିକ୍ଷା ଅଧିକାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। କାରଣ ଏହି ଅଧିକାରଟି ଶିଶୁମାନଙ୍କୁ ଶ୍ରମ କ୍ଷେତ୍ରରୁ ବାହାରକୁ ଆଣି ବିଦ୍ୟାଳୟ ପରିସରଭୁକ୍ତ କରାଇପାରିବ ଯଦ୍ୱାରା ନିଜର, ପରିବାରର, ସମାଜ ତଥା ଦେଶର ହିତ ସାଧନ କରିପାରିବ । ଏସବୁ ସତ୍ତ୍ୱେ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ପୁଷ୍ଟିଯୁକ୍ତ ଆହାର ଓ ଶିକ୍ଷା ଆଦି ପ୍ରସଙ୍ଗ ଅବହେଳିତ ହୋଇଆସିଛି । ଶିଶୁଟି ଯଦି ଦୁଇଓଳି ଦୁଇମୁଠା ପେଟପୂରା ଖାଦ୍ୟ ଖାଇବାକୁ ପାଇବ ନାହିଁ ଓ ଦି' ଅକ୍ଷର ପାଠ ପଢିବାର ସୁଯୋଗ ପାଇବ ନାହିଁ, ତାହାହେଲେ ସେ ଶିଶୁ ଶ୍ରମିକ ହେବାକୁ ବାଧ୍ୟ ହେବ । କିନ୍ତୁ କ୍ଷୋଭର ବିଷୟ ଏହି ଯେ, ଏତେ ସବୁ ଆଇନ କାନୁନ, ବିଧିବ୍ୟବସ୍ଥା ଥାଇ ମଧ୍ୟ ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି । ଫଳରେ ପେଟପାଟଣା ପାଇଁ ବହୁସଂଖ୍ୟାରେ ଶିଶୁ ବିଭିନ୍ନ କ୍ଷେତ୍ରରେ ଦୁଃଖ, ଦୁର୍ଦ୍ଦଶା, ଶୋଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି । ପେଟ ଚାଖଣ୍ଡ ପାଇଁ କିଏ ହୋଟେଲ, ଗ୍ୟାରେଜ୍ ତ କିଏ ପୁଣି ବିଡି ବଳିବା, ଖଣିରେ ଇଟା ଭାଙ୍ଗିବା ଭଳି ବିପଦସଂକୁଳ କାମକରୁଛନ୍ତି । ଆଉ ପୁଣି କିଏ ବ୍ୟବସାୟ ପ୍ରତିଷ୍ଠାନ, ଘରୋଇ ଚାକର ଭାବେ କାମ କରୁଛନ୍ତି। ଏପରିକି କେତେକ ରାସ୍ତାରୁ ବା ଅଳିଆଗଦାରୁ ଭଙ୍ଗା ଟିଣ, ଲୁହା, ପ୍ଲାଷ୍ଟିକ୍ ଜରି ଇତ୍ୟାଦି ଗୋଟାଇ ଗୁଜୁରାଣ ମେଣ୍ଟାଇଥାନ୍ତି । ଏକ ହିସାବ ଅନୁଯାୟୀ ସମଗ୍ର ବିଶ୍ୱରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧୫୨ନିୟୁତ ଥିବାବେଳେ ଆମ ଦେଶରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୧,୦୧,୨୮,୬୬୬ ଏବଂ ଆମ ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ୩,୩୪,୪୧୬ ରହିଛି ।

ଶିକ୍ଷାକୁ ସାର୍ବଜନୀନ, ମାଗଣ ଓ ବାଧ୍ୟତାମୂଳକ କରିବାପାଇଁ କେନ୍ଦ୍ର ସରକାର ୨୦୦୯ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି। ଆମ ରାଜ୍ୟରେ ଏହା ୨୦୧୦ମସିହା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେଉଛି। ଏହି ଆଇନ କାର୍ଯ୍ୟ କରିବାର ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏ ଦିଗରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ । ଯେଉଁ ଶିଶୁମାନେ ମଧ୍ୟାହ୍ନଭୋଜନ ଆକର୍ଷଣରେ ବିଦ୍ୟାଳୟକୁ ଆସନ୍ତି, ପାରିବାରିକ ଦାରିଦ୍ର୍ୟ କାରଣରୁ ସେହି ବିଦ୍ୟାଳୟ ଶିକ୍ଷା ପରେ ପାଠପଢା ଛାଡି ଦେଇଥାନ୍ତି । ଆମ ରାଜ୍ୟରେ ସର୍ବଶିକ୍ଷା ଯୋଜନା ୨୦୦୧-୨୦୦୨ ମସିହାରୁ ଆରମ୍ଭ ହେଲାଣି । ଏଥିପାଇଁ ସ୍କୁଲରେ ମାଗଣା ପୁସ୍ତକ, ପୋଷାକ ଓ ମଧ୍ୟାହ୍ନ ଭୋଜନ ଦିଆଯାଉଛି । ତଥାପି ଆମ ରାଜ୍ୟରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ବିଦ୍ୟାଳୟ ବାହାରେ ରହିଯାଉଛନ୍ତି । ସ୍କୁଲରେ ଉପସ୍ଥାନ ସଂଖ୍ୟା ବଢିଥିଲେ ମଧ୍ୟ ଅଧାରୁ ଅନେକ ଶିଶୁ ପାଠ ଛାଡିବା ଦେଖାଯାଉଛି । ସବୁ ଉଦ୍ୟମ ସତ୍ତ୍ୱେ ଏବଂ ସ୍ୱାଧୀନତାର ୭୫ ବର୍ଷ ପରେ ବି ବିଶ୍ୱର ଏକ ତୃତୀୟାଂଶ ନିରକ୍ଷର ଲୋକ ଆମ ଦେଶରେ ଅଛନ୍ତି । ଏହାର କାରଣ ଓ ନିରାକରଣ ସମ୍ପର୍କରେ ତର୍ଜମା କରିବାର ଅଛି ।

ଶିଶୁ ଶ୍ରମିକ ବ୍ୟବସ୍ଥାର ଜନନୀ ହେଉଛି ଦାରିଦ୍ର୍ୟ । ଅର୍ଥାତ୍ ଦାରିଦ୍ର୍ୟ ଦୂର ନହୋଇପାରିଲେ ଯେତେ ଯୋଜନା କଲେବି ତାହା ଫଳପ୍ରସୂ ହୋଇପାରିବ ନାହିଁ । ଏକ ଆକଳନ ଅନୁଯାୟୀ ଦେଶର ୭୭ ଭାଗ ଲୋକ ଦୈନିକ ୨୦ ଟଙ୍କା ବି ଆୟ କରିପାରୁନାହାନ୍ତି । ମିଳିତ ଜାତିସଂଘର ସହସ୍ରାବ୍ଦୀ ଲକ୍ଷ୍ୟରେ କୁହାଯାଇଥିଲା ୨୦୧୫ ସୁଦ୍ଧା ଦାରିଦ୍ର୍ୟ, କ୍ଷୁଧା ଓ ରୋଗ ବିରୋଧରେ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରାଯିବା ମାତ୍ର ଅଦ୍ୟାବଧି ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ଦାରିଦ୍ର୍ୟ ହେତୁ ଦେଶର ସାକ୍ଷରତା ହାର ୭୫ ପ୍ରତିଶତ ତଳେ ରହିଛି। ୧୦ ବର୍ଷ ବୟସର ଶିଶୁଙ୍କ ମଧ୍ୟରେ ଅର୍ଦ୍ଧେକ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଠପଢାର ସୁଯୋଗ ପାଆନ୍ତି ନାହିଁ । ୧୦ ଭାଗରୁ ଏକ ଭାଗ ଶିଶୁ କଲେଜ ପର୍ଯ୍ୟନ୍ତ ପହଞ୍ଚି ଥାଆନ୍ତି। ଏଦିଗରେ କିପରି ସୁଧାର ଆସିବ ସେ ଦିଗରେ ଚିନ୍ତା କରିବାକୁ ପଡିବ ଓ ସମସ୍ତ ଶିଶୁଙ୍କୁ ଶିକ୍ଷା ସୁଯୋଗ ଦେବାକୁ ହେବ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ମୁଖ୍ୟ ଆୟୁଧ ଓ ପ୍ରଗତିର ଚାବିକାଠି। ଏଣୁ, ଶିକ୍ଷା ଅଧିକାର ଆଇନ ବଳରେ ଶିଶୁ ଶ୍ରମିକମାନଙ୍କୁ ବିଦ୍ୟାଳୟ ପରିସରକୁ ଆଣିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟବାସ୍ଥା କରାଯିବା ଜରୁରୀ ।

ଏଥିସହିତ ଦେଶର ଗରିବ ଲୋକ ଯେତିକି ରୋଜଗାର କରନ୍ତି ତା'ର ୮୦ ପ୍ରତିଶତ ଖାଦ୍ୟ ପାଇଁ ବ୍ୟୟ କରିଥାନ୍ତି । ତେଣୁ, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ସେମାନଙ୍କର ସାମର୍ଥ୍ୟ ରହେନାହିଁ ଯଦ୍ୱାରା ଦେଶରେ ୪୨ ପ୍ରତିଶତ ଶିଶୁ ପୁଷ୍ଟିହୀନତାର ଶିକାରା ଅର୍ଥାତ୍ ଏମାନଙ୍କ ଓଜନ ବୟସ ଅନୁସାରେ ସ୍ୱାଭାବିକ ଓଜନଠାରୁ ଯଥେଷ୍ଟ କମ୍ । ଦେଶର ପ୍ରତି ଏକ ହଜାର ଶିଶୁଙ୍କ ମଧ୍ୟରୁ ୫୩ ଜଣ ଶିଶୁଙ୍କର ଅକାଳ ମୃତ୍ୟୁ ଘଟୁଛି । କେବଳ ସେତିକି ନୁହେଁ ଦେଶରେ ପ୍ରତିଦିନ ୬ ହଜାର ଶିଶୁ ମୃତ୍ୟୁବରଣ କରୁଛନ୍ତି । ଏହା ଏକ ଜାତୀୟ ଲଜ୍ଜା । ଆମ ରାଜ୍ୟ କଥା ଆହୁରି ତଦ୍ରୂପ । ଏବେ ଆମ ରାଜ୍ୟରେ ପ୍ରତି ହଜାରରେ ୫୧ ଶିଶୁ ମୃତ୍ୟୁ ମୁଖରେ ପଡୁଛନ୍ତି । ଏଥିପାଇଁ ଅର୍ଥନୈତିକ ମାନଦଣ୍ଡ ଅପେକ୍ଷା ସମ୍ବଳର ଅସମ ବଣ୍ଟନ ଓ ମାନସିକତାର ଅଭାବ ହିଁ ପ୍ରମୁଖ କାରଣ । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ମାଧ୍ୟମରେ ନିରାପଦ ମାତୃତ୍ୱ ପାଇଁ ଜନନୀ ସୁରକ୍ଷା ଯୋଜନା ରହିଛି। ଶିଶୁମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପୁଷ୍ଟିହୀନତା ଥିବା ଶିଶୁଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଓ ଔଷଧ ଯୋଗାଇବାର ବ୍ୟବସ୍ଥା ମଧ୍ୟ ରହିଛି । କିନ୍ତୁ ଏହି ଯୋଜନାର ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରୁନାହିଁ ।

ଏସବୁ କାରଣରୁ ଶିଶୁ ସମ୍ପଦ ବିଡମ୍ବିତ ଅବସ୍ଥାରେ ରହିଛି । ଯେଉଁମାନେ ଶିଶୁ ଶ୍ରମିକ ହେଉଛନ୍ତି ସେହି କୋମଳମତି ଶିଶୁ ନିର୍ଯାତନା ତଥା ଶୋଷଣ-ପୀଡନର ଶିକାର ହେଉଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଶିଶୁବିକ୍ରି ଓ ଶିଶୁ ଚାଲାଣ ଭଳି ସ୍ୱର୍ଶକାତର ପ୍ରସଙ୍ଗ ତଥା କଳଙ୍କିତ ଘଟଣା ଲୋକଲୋଚନକୁ ଆସୁଛି । ଶିଶୁ ଶ୍ରମିକମାନଙ୍କ ମଧ୍ୟରୁ ୫୩ ପ୍ରତିଶତ ଶିଶୁ ଯୌନ ନିର୍ଯାତନାର ଶିକାର ହେଉଛନ୍ତି । ଯେଉଁସବୁ କାର୍ଯ୍ୟରେ ଶିଶୁ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାପାଇଁ ଆଇନଗତ ଭାବେ ନିଷିଦ୍ଧ କରାଯାଇଛି ସେସବୁ କ୍ଷେତ୍ରରେ ଆଇନକୁ ଉଲଙ୍ଘନ କରି ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଛି । ଏଥିରୁ ଜଣାପଡୁଛି ଶିଶୁ ଶ୍ରମିକ ନିରୋଧ ଆଇନ କେବଳ ନାମକୁ ମାତ୍ର । ରାଜ୍ୟ ତଥା ଦେଶରେ ବହୁ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ନା ଅଛି ଧରପଗଡ ନା କାର୍ଯ୍ୟାନୁଷ୍ଠାନ । ଫଳରେ ଶିଶୁ ଶ୍ରମିକମାନେ ଏବେ ବାହାରକୁ ଚାଲାଣ ହେବାକୁ ଲାଗିଲେଣି ।

ତେଣୁ ଶିଶୁମାନଙ୍କ ସୁରକ୍ଷା ନିତାନ୍ତ ଆବଶ୍ୟକ। କେବଳ ସରକାରୀ ସ୍ତରରେ ଉଦ୍ୟମ ଏହି ବିଶାଳ କାର୍ଯ୍ୟକୁ ରୂପାୟନ କରିବାରେ ଯଥେଷ୍ଟ ହେବନାହିଁ । ଏଥି ନିମନ୍ତେ ସରକାରଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷକ ସମାଜ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଜନସାଧାରଣ, ପିତାମାତା ତଥା ଅଭିଭାବକ ସମସ୍ତଙ୍କର ମିଳିତ ଉଦ୍ୟମ ଜରୁରୀ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩୦ ଜୁନ୍ ୨୦୨୫ ସୋମବାର





# ସ୍ୱଳ୍ପ ବର୍ଷାରେ ବ୍ରହ୍ମବରଦା ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଏବେ ରାଜ୍ୟରେ ମୌସୁମୀ ପ୍ରବାହ ସକ୍ରୀୟ ରହିଛି । ଫଳରେ ମଝିରେ ମଝିରେ ବର୍ଷା ଲାଗି ରହୁଛି । ଏହି ବର୍ଷା ହେବା ଫଳରେ ଜନସାଧାରଣ ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ମିଳିଛି । ଅନ୍ୟପକ୍ଷରେ ଏହି ବର୍ଷା ହେବା ଫଳରେ ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି । ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଏଭଳି ସମସ୍ୟା ସବୁ ଦିନ ଲାଗି ରହୁଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳରେ । ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଏକ ଜନବହୁଳ ଅଞ୍ଚଳ ଭାବେ ଜିଲ୍ଲାରେ ବେଶ୍ ପରିଚିତ । ବ୍ରହ୍ମବରଦା ଓ ମହେଶ୍ୱରପୁର ପଞ୍ଚାୟତର ୨୦ ହଜାରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଏହି ଅଞ୍ଚଳରେ ବହୁ ସ୍ଥାନରେ ବଡ ବଡ ବ୍ୟବସାୟ ପ୍ରତିଷ୍ଠାନମାନ ଗଢି ଉଠିଛି । ଏହା ସହିତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଚିକିତ୍ସାଳୟ ଓ ରାଷ୍ଟ୍ରାୟତ ବ୍ୟାଙ୍କ ରହିଛି । ପ୍ରତିଦିନ ଏହି ଅଞ୍ଚଳକୁ ଧର୍ମଶାଳା ବ୍ଲକ ସମେତ ବଡଚଣା, ଯାଜପୁର ଓ ବରୀ ବ୍ଲକର ଅନେକ ପଞ୍ଚାୟତ ଏହା ଉପରେ ନିର୍ଭର କରିଥାନ୍ତି । ଏବଂ ଏହି ଅଞ୍ଚଳ ୨ଟି ମୁଖ୍ୟ ରାଜପଥକୁ ସଂଯୋଗ କରୁଛି । ବରୁହାଁ-କୃଷ୍ଣଦାସପୁର ଓ ବ୍ରହ୍ମବରଦା-ଜାରକା ୧୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଛି । ସଦର ମହକୁମାକୁ ଯିବା ପାଇଁ ଏହା ଏକ ମୁଖ୍ୟ ରାସ୍ତା ହୋଇଛି । ତେବେ ସମାନ୍ୟ ବର୍ଷା ହେବା ଫଳରେ ଏହି ମୁଖ୍ୟ ରାସ୍ତାରେ ବର୍ଷା ଜଳ ଦୀର୍ଘ ଦିନ ଧରି ଜମି ରହୁଛି । ରାସ୍ତାରେ ଦେଇ ଯାତାୟାତ କରୁଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷେ ରାସ୍ତାରେ କଡରେ ଥିବା ବ୍ୟବସାୟୀ ଓ ଘର ବସବାସ କରୁଥିବା ଜନସାରଣମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ଦିନ ଧରି ବର୍ଷା ଜଳ ଜମିବା ଫଳରେ ପାଣିରେ ବିଭିନ୍ନ ପ୍ରକାରର ପୋକ ରହୁଥିବା ବେଳେ ପାଣିରୁ ବାହାରୁ ଥିବା ଦୃଗନ୍ଧରେ ନାକ ଦେବା ସମ୍ଭବ ହେଉନାହିଁ । ଗଲା କିଛି ଦିନ ହେବ ଜିଲ୍ଲାରେ ଡାଇରିଆର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ଏହି ସ୍ଥାନମାନଙ୍କରେ ଡାଇରିଆ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ନିକଟରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଏହି ସ୍ଥାନରେ ଡ୍ରେନେଜ୍ ହେବା ଆବଶ୍ୟକ ରହିଛି । ଯେଉଁ ସ୍ଥାନରେ ଡ୍ରେନେଜ୍ ଆବଶ୍ୟକ ନାହିଁ ସେହି ସ୍ଥାନମାନଙ୍କରେ ଡ୍ରେନେଜ୍ ହେବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଯେଉଁ ସ୍ଥାନରେ ଡେନେଜ୍‌ର ସୁବିଧା ଅଛି ତାହା ବର୍ତମାନ ଅବରୋଧ ହୋଇପଡିଛି । ତାହାକୁ ତୁରନ୍ତ ମରାମତି କରିବାର ଆବଶ୍ୟକତା ହୋଇପଡିଛି । ତୁରନ୍ତ ଜିଲା ପ୍ରଶାସନ ଏହି ଅଞ୍ଚଳପ୍ରତି ସ୍ୱତନ୍ତ୍ରଭାବେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ସ୍ୱାଧୀନତାର ୭୮ ବର୍ଷ ପରେବି ପକ୍କା ହେଲାନି ରାସ୍ତା:ଲୋକେ ହଟହଟା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରର ଜିଲ୍ଲା ମୁଖ୍ୟାଳୟ ନିକଟରୁ ମାତ୍ର ୪ କିଲୋମିଟର ଦୂରରେ ରହିଛି ନରଣପୁର ଗ୍ରାମ ପଞ୍ଚାୟତ । ଏହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ପାଞ୍ଚ ଶହ ମିଟର ଦୂରରେ ନରଣପୁର ଡିମ୍ପୋ ରାସ୍ତାରୁ ଜଳଙ୍ଗଡ଼ିହା ଗ୍ରାମକୁ ଯାଇଥିବା ରାସ୍ତା ବହୁ ପୁରୁଣା । ଏହି ରାସ୍ତାକୁ ସ୍ୱାଧୀନତାର ଦୀର୍ଘ ୭୮ ବର୍ଷରେ ବି ପକ୍କା ରାସ୍ତାକୁ ରୂପାନ୍ତରଣ କରାଯାଇ ପାରିଲାନାହିଁ । ସରକାରଙ୍କ ସବୁ ଯୋଜନା ପଞ୍ଚାୟତରୁ ଆରମ୍ଭ ହେଉଥିବା ବେଳେ ଏଠାରେ ପ୍ରତିବର୍ଷ ଏହି ରାସ୍ତାକୁ ସବୁଦିନିଆ ପକ୍କା କଂକ୍ରିଟ ରାସ୍ତା କରିବା ପାଇଁ ଲୋକେ ଦାବି କରୁଛନ୍ତି । ନରଣପୁର ଗ୍ରାମ ପଞ୍ଚାୟତ ଏହି ରାସ୍ତାକୁ ଉନ୍ନତିକରଣ



କରିବା ଦିଗରେ ବୈମାତୃକ ମନୋଭାବ ପୋଷଣ କରୁଥିବା ଜଳଙ୍ଗଡ଼ିହା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତାରେ ଖାଲଖମା ଯୋଗୁ ସାଧାରଣ ଚଳପ୍ରଚଳ ବ୍ୟାଘାତ ଘଟୁଛି । ରାସ୍ତା ସାରା ସାମାନ୍ୟ ବର୍ଷାରେ କାଦୁଅରେ ଭର୍ତ୍ତି ହୋଇଯାଉଥିବା କାରଣରୁ ଅନେକ ସମୟରେ ଲୋକେ ଖସରି ପଡୁଥିବା ଅଭିଯୋଗ କରିଛନ୍ତି । ଏପରିକି ବାରମ୍ବାର ଏ ବିଷୟରେ ପଞ୍ଚାୟତରେ ଜଣାଇବା ସହ ଜିଲ୍ଲାପାଳଙ୍କ ଅଭଯୋଗ ଶୁଣାଣିରେ ମଧ ଲିଖିତ ଭାବେ ଦେଇଛନ୍ତି । ହେଲେ ଆଜି ଯାଏଁ ଏ କାର୍ଯ୍ୟ ହୋଇପାରୁନାହିଁ । ରାସ୍ତା ହେବାତ ଦୂରର କଥା ରାସ୍ତା ପାର୍ଶ୍ୱ ମଧ ସଫେଇ ହେଉନଥିବା କାରଣରୁ ଜଙ୍ଗଲମୟ ପରିବେଶ ସୃଷ୍ଟି ହେଲାଣି । ଏଠାରେ ସଂଧ୍ୟା ପରେ ଭୟଙ୍କର ବିଷଧର ସାପ ରାସ୍ତା ଉପରେ ବୁଲୁଥିବାର ଅନେକ ଥର ଲୋକେ ଦେଖୁଛନ୍ତି । ସାଧାରଣତଃ କେନ୍ଦୁଝର ଜିଲ୍ଲାରେ ସାପ କାମୁଡା ଜନିତ ମୃତ୍ୟୁ ଅଧିକ ହେଉଥିବାରୁ, ଲୋକେ ସେମାନଙ୍କ ପିଲାଙ୍କୁ ସନ୍ଧ୍ୟା ପରେ ଯିବା ଆସିବା ପାଇଁ ବରଣ କରୁଛନ୍ତି । ଏପରିକି ଏହି ରାସ୍ତାରେ ଅଲୋକୀକରଣ ବ୍ୟବସ୍ଥା ନଥିବା କାରଣରୁ ସଂଧ୍ୟା ପରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ନରଣପୁର ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ଥିବାବେଳେ କେନ୍ଦୁଝର ପନିକୋଇଲି ମୁଖ୍ୟରାସ୍ତାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ରାସ୍ତା ଯଦି ଆଜିଯାଏ ହୋଇପାରିନାହିଁ ତେବେ ପଞ୍ଚାୟତର ବିକାଶ କଣ ହେଉଛି ତାହା ଜଳଜଳ ଦେଖାଯାଉଛି । ପଞ୍ଚାୟତର କୌଣସି ଗ୍ରାମର ରାସ୍ତାର ବିକାଶ ହୋଇଥିବା ସ୍ୱପ୍ନ ବୋଲି କହୁଛନ୍ତି ବୁଦ୍ଧିଜୀବୀ । ଏହି ରାସ୍ତାର ଉନ୍ନତିକରଣ କରାଯାଇ ଏହାକୁ ସବୁଦିନିଆ କଂକ୍ରିଟ ରାସ୍ତା କରିବା ସହ ରାସ୍ତା ପାର୍ଶ୍ୱ ସଫେଇ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ ।

# ସମସ୍ତଙ୍କ ସହଭାଗିତାରେ ନିଶାମୁକ୍ତ ସମାଜ ଗଠନ ସମ୍ଭବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଆମ ସଂକଳ୍ପ ନିଶା ନୁହେଁ : ଜୀବନର ପ୍ରଥମ ପର୍ଯ୍ୟାୟର ଅନ୍ତିମ ଦିବସର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସ ଉପଲକ୍ଷେ ସଭାର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଲେ ଯେ, ସଠିକ୍ କାର୍ଯ୍ୟନୁଷ୍ଠାନ, ସମସ୍ତଙ୍କ ସହଭାଗିତା, ସତର୍କ ଏବଂ ସଚେତନ ନାଗରିକ ରହିଲେ ହିଁ ଏକ ନିଶାମୁକ୍ତ ସମାଜ ଗଠନ ସମ୍ଭବ ହୋଇପାରିବ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ ମଦର ବିଷାକ୍ତ ସତ୍ୟକୁ ଅତି ସରଳ ଭବେ ବୁଝାଇଥିଲେ । ମ'ର ଅର୍ଥ ମୃତ୍ୟୁ ଓ ଦ'ର ଅର୍ଥ ଦାରିଦ୍ର୍ୟ ବୋଲି ସେ କହିଥିଲେ । ତେଣୁ



ସମସ୍ତଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ । ସଭାରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ନିଶା ନିବାରଣ ଏକ ଆହ୍ୱାନ ଏବଂ ପ୍ରଶାସନ, ପୋଲିସ ଓ ସଚେତନ ନାଗରିକଙ୍କ ମିଳିତ ଉଦ୍ୟମରେ ଏହାକୁ ପ୍ରତିହତ କରିହେବ ବୋଲି କହିଥିଲେ । ଅବକାରୀ ଅଧିକ୍ଷକ ଅନିତା ପ୍ରଧାନ ଦିବସର ତାତ୍ପର୍ଯ୍ୟ ବିଷୟରେ ଉପସ୍ଥାପନ କରିବା ସହ ଜିଲ୍ଲାରେ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସଭାରେ ଉପସ୍ଥିତ ରହି ପ୍ରଜାପିତା ବ୍ରହ୍ମକୁମାରୀ ଅଧିକାରୀ କହିଲେ ଯେ, ଆତ୍ମା ଓ ପରମାତ୍ମାଙ୍କ ସମନ୍ୱୟରେ ଏକ ସୁସ୍ଥ ମାନସିକତା ଗଠନ ସମ୍ଭବ ଯାହା ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଉଦର ସୁନ୍ଦର ସ୍ୱାଇଁ ମଧ ନିଶା ନିବାରଣ କ୍ଷେତ୍ରରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ନିଶା ନୁହେଁ ଜୀବନ କୁ ବାଛିଥିବା ଦୁଇଜଣ ଯୁବକ ପ୍ରଭାତ କୁମାର ମଲ୍ଲିକ, ଶୁଭ ନାରାୟଣ ସାମନ୍ତ ରାୟଙ୍କୁ ସମ୍ମାନିତ କରାଯାଇଥିଲା ଯେଉଁମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ସେମାନେ ମଧ ନିଜର ଅଭିଜ୍ଞତା ବାଣ୍ଟିଥିଲେ । ଶେଷରେ ପ୍ରବନ୍ଧ ଲିଖନ, ବକ୍ତୃତା ତଥା ଗଣଦୌଡ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ଦାସ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଥିବା ବ୍ୟକ୍ତିମାନଙ୍କ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସାଧାରଣ ଜନତା, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟ ଛାତ୍ରଛାତ୍ରୀ, ଅବକାରୀ ଏବଂ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଏମକେସିଜିରେ ୟୁନିଫର୍ମ ପିନ୍ଧୁନାହାନ୍ତି ଆଟେଣ୍ଡାଣ୍ଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ର ପରିଚାଳନା ବ୍ୟବସ୍ଥିତ ହୋଇପାରୁନି । ଦକ୍ଷିଣ ଓଡ଼ିଶା ସହ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି । ହେଲେ ବିଭିନ୍ନ କ୍ଷେତ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ରୋଗୀଙ୍କୁ ସେବା ଯୋଗାଇବା ପାଇଁ ନିଯୁକ୍ତ ହୋଇଛନ୍ତି ୩ ଶହରୁ ଅଧିକ ଆଟେଣ୍ଡାଣ୍ଟ । ହେଲେ ସେମାନଙ୍କୁ ହସ୍ପିଟାଲ୍‌ରେ ଖୋଜିବାକୁ ପଡୁଛି । କାରଣ ଡ୍ୟୁଟିରେ ଥିବା ସମୟରେ ଆଟେଣ୍ଡାଣ୍ଟମାନେ ୟୁନିଫର୍ମ ପିନ୍ଧୁନାହାନ୍ତି । କିଏ କାହା ଜାଗାରେ ଡ୍ୟୁଟି କଲେ ବି ଜଣାପଡୁନି । ରୋଗୀ ବା ସମ୍ପର୍କୀୟମାନେ ଗହଳି ମଧ୍ୟରୁ ଖୋଜି ଖୋଜି ଆଟେଣ୍ଡାଣ୍ଟଙ୍କୁ ସେମାନଙ୍କ କାମ ପାଇଁ ୱାର୍ଡ଼କୁ ଡ଼ାକି ଆଣୁଥିବା ଅଭିଯୋଗ ହେଉଛି । ଜଣେ ୬୨ ବର୍ଷୀୟ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଏମ୍‌କେସିଜି କାଜୁଆଲ୍‌ଟିକୁ ଯାଇଥିଲେ । ଡାକ୍ତର ଚିକିତ୍ସା କରିବା ପରେ ଶଯ୍ୟାକୁ ନେବାକୁ କହିଥିଲେ । କିନ୍ତୁ ଆଟେଣ୍ଡାଣ୍ଟଙ୍କ ଦେଖାନଥିଲା । ରୋଗୀ ସମ୍ପର୍କୀୟମାନେ ଗହଳିରେ ବହୁବାର ଖୋଜାଖୋଜି ପରେ ଜଣେ ଯୁବକ ଆସି ସେ ଆଟେଣ୍ଡାଣ୍ଟ ବୋଲି ନିଜକୁ ପରିଚୟ ଦେଇଥିଲେ । ସାଦା ପୋଷାକରେ ଥିବା ଓ ପରିଚୟପତ୍ର ଝୁଲାଇନଥିବା ଯୁବକଙ୍କୁ ଦେଖିଲେ ସେ ଜଣେ ଆଟେଣ୍ଡାଣ୍ଟ ବୋଲି କେହି ବିଶ୍ୱାସ କରିବେନାହିଁ । ସେହିପରି ଆଉ ଜଣେ ରୋଗୀଙ୍କୁ ୱାର୍ଡ଼କୁ ନେବାକୁ କହିଥିଲେ ଡାକ୍ତର । ରୋଗୀ ସମ୍ପର୍କୀୟମାନେ ଆଟେଣ୍ଡାଣ୍ଟଙ୍କୁ ସେଠାରେ ଖୋଜିଥିଲେ । ଯଦି ଜଣେ ୟୁନିଫର୍ମ ପିନ୍ଧିଥାନ୍ତେ ତାହେଲେ ଖୋଜିବାକୁ ପଡ଼ିନଥାନ୍ତା । ଆଟେଣ୍ଡାଣ୍ଟମାନେ ଇନ୍‌ଡ଼ୋର, ଆଉଟ୍‌ଡ଼ୋର ଏବଂ କାଜୁଆଲ୍‌ଟିରେ ନିୟୋଜିତ ରହନ୍ତି । ରୋଗୀଙ୍କୁ ସେବା ଯୋଗାଇବା, କାଜୁଆଲ୍‌ଟି ଓ ଆଉଟ୍‌ଡ଼ୋର୍‌ରୁ ରୋଗୀଙ୍କୁ ବିଭିନ୍ନ ୱାର୍ଡ଼କୁ ଷ୍ଟ୍ରେଚର କିମ୍ବା ହ୍ୱିଲ୍ ଚେୟାର୍‌ରେ ନେବା, ରୋଗୀ ଶଯ୍ୟା ପକାଇବା, ବେଡ୍‌ସିଟ୍ ଦେବା ଭଳି ଅନେକ କାର୍ଯ୍ୟ ନିର୍ବାହ କରିଥାନ୍ତି । ୱାର୍ଡ଼କୁ ଔଷଧ ଓ ଇଞ୍ଜେକ୍‌ସନ୍ ଆଣିବା ସହ ବିଭିନ୍ନ ରୋଗୀସେବା କାର୍ଯ୍ୟରେ ସେମାନେ ନିୟୋଜିତ ହୋଇଥାନ୍ତି । ଡାକ୍ତରଖାନାରେ ଆଟେଣ୍ଡାଣ୍ଟମାନେ ୟୁନିଫର୍ମ ଓ ପରିଚୟପତ୍ର ପିନ୍ଧିବା ନିୟମ ରହିଛି । କିନ୍ତୁ ଆଟେଣ୍ଡାଣ୍ଟମାନେ ଏହାର ଖୋଲା ଉଲ୍ଲଂଘନ କରୁଛନ୍ତି । ଜଣେ ଆଟେଣ୍ଡାଣ୍ଟ ନାମ ପ୍ରକାଶ ନକରି କହିଛନ୍ତି, ଠିକା ସଂସ୍ଥାରୁ ଆମେ ଦରମା ପାଉଛୁ । ସେମାନେ ୟୁନିଫର୍ମ ଦେଉନାହାନ୍ତି । ସ୍ୱଳ୍ପ ବେତନରେ କେଉଁଠୁ ୟୁନିଫର୍ମ ଯୋଗାଡ଼ କରିବୁ । ମେଡ଼ିକାଲ୍ ଓ ମାନବ ସମ୍ବଳ ଯୋଗାଉଥିବା ଠିକା ସଂସ୍ଥା ଭିତରେ ହୋଇଥିବା ଚୁକ୍ତିନାମାର ଉଲ୍ଲଂଘନ କରାଯାଉଛି । ଅଥଚ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଏମ୍‌କେସିଜି ଡ଼ିନ୍ ପ୍ରଫେସର ଡ଼ା. ସୁଚିତ୍ରା କହିଛନ୍ତି ଅଭିରାମ କେୟାର ଟେକିଂ ଆଣ୍ଡ ସର୍ଭିସେସ୍ ସଂସ୍ଥା ଜରିଆରେ ୩ ଶହରୁ ଅଧିକ ଆଟେଣ୍ଡାଣ୍ଟ ନିଯୁକ୍ତି ହୋଇଛନ୍ତି । ୟୁନିଫର୍ମ ପିନ୍ଧିନଥିବା ଅଭିଯୋଗ ଆସିବା ପରେ ତାଗିଦ୍ କରାଯାଇଥିଲା । ଏବେ ଯଦି ପୁଣି ୟୁନିଫର୍ମ ପିନ୍ଧୁନାହାନ୍ତି ତେବେ କାର୍ଯ୍ୟାନୁଷ୍ଠାନ ହେବ । ସେହିପରି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା କହିଛନ୍ତି, ଆଟେଣ୍ଡାଣ୍ଟ ନିଯୁକ୍ତି ପାଇଁ ଠିକା ସଂସ୍ଥା ଅଭିରାମ କେୟାର ଟେକିଂ ଦାୟିତ୍ୱ ନେଇଛି । ଆଟେଣ୍ଡାଣ୍ଟମାନଙ୍କୁ ପରିଚୟପତ୍ର ଓ ୟୁନିଫର୍ମ ପିନ୍ଧିବାକୁ ନିର୍ଦ୍ଦେଶ ହୋଇଛି । ଯଦି କେହି ଅବମାନନା କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ସାମ୍ପ୍ରତିକ ସମାଜରେ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କଥାକାର ବସନ୍ତ ଶତପଥୀଙ୍କ ଏକଶହ ୧୩ ତମ ଜନ୍ମ ଦିବସ ଅବସରରେ ବସନ୍ତ ଶତପଥୀ ସାହିତ୍ୟ ସଂଗଠନର ୮ମ ବାର୍ଷିକ ଉତ୍ସବ ଶ୍ରୀମା ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ସଙ୍ଗଠନର ସଭାପତି ଅବସରପ୍ରାପ୍ତ ବରିଷ୍ଠ ଓଡ଼ିଆ ପ୍ରାଧ୍ୟାପକ ଡକ୍ଟର ସୁଶାନ୍ତ କୁମାର ବଶାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ପ୍ରମୋଦ କୁମାର ଶତପଥୀ ଯୋଗଦେଇ ସାଂସ୍କୃତିକ ଅବକ୍ଷୟ ମୁଖି ସମାଜରେ ଜଣେ ସାହିତ୍ୟିକର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ । ଅବସରପ୍ରାପ୍ତ ବରିଷ୍ଠ ପ୍ରାଧାପିକା ଡକ୍ଟର ପଦ୍ମଶ୍ରୀ ଦାସ ମୁଖ୍ୟବକ୍ତା ରୂପେ ଯୋଗଦାନ କରି ବସନ୍ତ ଶତପଥୀଙ୍କ ଗଳ୍ପରେ ନିଚ୍ଛକ ମୟୂରଭଞ୍ଜର ଚିତ୍ର ଓ ଚରିତ୍ର ପ୍ରକାଶ ପାଇଛି ବୋଲି କହିଥିଲେ । ସଂଗଠନର ସଂପାଦକ ସହକାରୀ ପ୍ରଫେସର ଡକ୍ଟର ବିଚିତ୍ରନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ, କୋଷାଧକ୍ଷ ଅବସର ପ୍ରାପ୍ତ ଅଧାପକ ଦୋଲଗୋବିନ୍ଦ ମହାନ୍ତ ବସନ୍ତ ଶତପଥୀଙ୍କ ସମ୍ବନ୍ଧରେ ଏକ ସାରଗର୍ଭକ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନରସିଂହ ବାରିକଙ୍କ ପୁସ୍ତକ ଅନୁଭୂତିର ଢେଉ ଉନ୍ମୋଚିତ ହୋଇଥିବା ବେଳେ, ସଂଗଠନର ଉପସଭାପତି ଅବସରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର ସାମଲ ପୁସ୍ତକର ସମୀକ୍ଷା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ପଲେଇ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସହସଂପାଦକ ଅବସରପ୍ରାପ୍ତ ଶିକ୍ଷକ ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ଡକ୍ଟର ପ୍ରବୋଧ କୁମାର ମହାପାତ୍ର, ଭକ୍ତହରି ମହାନ୍ତ, ଡକ୍ଟର ଅବନୀ କୁମାର କୁଣ୍ଡୁ, ଦୀପକ କୁମାର ଶତପଥୀ, ହିମାଂଶୁ ଶେଖର ଦାସ, ଭୀମସେନ ମହାକୁଡ, ଡକ୍ଟର ଜ୍ୟୋତିନ୍ଦ୍ର ନାଥ ସିଂହଦେଓ ସଚାନ, ଡକ୍ଟର ରବିନ୍ଦ୍ର ଶତପଥୀ, ସରୋଜ ମିଶ୍ର, ଅନ୍ନଦା ଶଙ୍କର ଦାଶ, ବିକାଶ ଚନ୍ଦ୍ର ଧୁଙ୍ଗିଆ ପ୍ରମୁଖ ବହୁଜ୍ଞାନୀଗୁଣୀ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ ।

# ସୁସ୍ଥ ସମାଜ ଗଠନ ପାଇଁ ନିଶାକୁ ନା



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ନିଶା ସେବନ ଓ ଅବୈଧ ନିଶା କାରବାର ବିରୋଧୀ ଦିବସ-୨୦୨୫ ପାଳିତ ହୋଇଯାଇଛି । ସକାଳ ୭ ଘଟିକାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଏହାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ସହଯୋଗ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ, ବୁଦ୍ଧିଜୀବି, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମକର୍ତ୍ତା ଜିଲ୍ଲା ଅବକାରୀ ବିଭାଗର କର୍ମକର୍ତ୍ତା ଏବଂ ବିଭିନ୍ନ ବେସରକାରୀ ସଂଗଠନର କର୍ମକର୍ତ୍ତାମାନେ ସହର ପରିକ୍ରମା କରି ନିଶା ନିବାରଣ ନିମନ୍ତେ ବାର୍ତ୍ତା ବାଣ୍ଟିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ସାଧାରଣ ସଭା ଆୟୋଜିତ ହୋଇଥିଲା । ଏଥିରେ ଅବକାରୀ ବିଭାଗ କେନ୍ଦୁଝରର ଅଧିକ୍ଷକ ସୀତାରାଣୀ ପଟ୍ଟାୟତ ଓ ଉପ ଅଧିକ୍ଷକ ଦିବ୍ୟ ଦୀପ ଯୋଗଦେଇ ନିଜ ନିଜ ଭାଷଣରେ ନିଶା ସେବନ ଦ୍ୱାରା କିପରି କେବଳ ନିଶା ସେବନକାରୀଙ୍କ ବ୍ୟକ୍ତିଗତ ନୁହେଁ ବରଂ ସାମଗ୍ରିକ ଭାବେ ସମାଜ ଉପରେ ପଡୁଥିବା କୁପ୍ରଭାବ ଉପରେ ଆଲୋକପାତ କରିଥିଲେ । ନିଶା କବଳରୁ ଛୋଟ ପିଲାଙ୍କୁ ନିବୃତ ରଖିବା ଏବଂ ଅବୈଧ ନିଶା କାରବାରକୁ ରୋକିବା ପାଇଁ ସରକାରୀ ସ୍ତରରେ ନିଆଯାଉଥିବା ପଦକ୍ଷେପ ବାବଦରେ ଅତିଥି ମାନେ ସୂଚନା ଦେଇଥିଲେ । ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ନିଶାକୁ ନା କହିବାକୁ ପଡିବ ବୋଲି ମତ ଦେଇଥିଲେ । ନିଶା ନିବାରଣ ସଚେତନତା ଲାଗି ବିଦ୍ୟାଳୟସ୍ତରରେ ହେଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଦିନ ଅବସରରେ ପୁରସ୍କୃତ କରାଯାଇଥିଲା ।

# ଆଖଣ୍ଡଳମଣି-କୁଆଖିଆ ଜାତୀୟ ରାଜପଥ ନିର୍ମାଣ ନିମ୍ନମାନର:୧.୮କୋଟି ପାଣିରେ ପଡିଲା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଅନନ୍ୟ ଶୈବକ୍ଷେତ୍ର ଆରଡିଧାମକୁ ଆଗନ୍ତୁକ ଭକ୍ତ ଯେପରି ସୁଗମ ଭାବେ ଯାତାୟାତ କରିବେ ସେଥିପାଇଁ କୁଆଖିଆ-ଆଖଣ୍ଡଳମଣି ପୀଠ ଯାଏଁ ୨୦ନଂ ଜାତୀୟ ରାଜପଥ ରହିଛି । ଏହି ରାସ୍ତାର ଆରଡିପୀଠ ପ୍ରବେଶ ପଥ ବାଇପାସ୍ ଠାରୁ ଚାରିଛକ ପର୍ଯ୍ୟନ୍ତ ଦୀର୍ଘବର୍ଷ ହେବ ଅତି ଶୋଚନୀୟ ହୋଇପଡିବା ସହ ଖାଲଖମା ସୃଷ୍ଟି ହୋଇଥିଲା । ଏପରି ସମସ୍ୟା ବାବଦରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜାତୀୟ ରାଜପଥ କଟକ ଡିଭିଜନ ପକ୍ଷରୁ ୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଏବେ ଉକ୍ତ ରାସ୍ତାର ନବୀକରଣ କରାଯାଉଛି । ହେଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି । ସବୁଠାରୁ ବଡକଥା ହେଲା କୋଟି କୋଟି ଟଙ୍କାର କାମ ହେଉଥିବା ବେଳେ ସୂଚନା ଫଳକଟିଏ ମଧ୍ୟ ଲଗିଯାଇନାହିଁ । ତାହାସହ ଲଗାଣ ବର୍ଷାରେ କାଦୁଅ କାଦୁଅ ପଚପଚ ରାସ୍ତାକୁ ମାଟିମିଶା ବାଲି ପକାଇ ତରବରିଆ ଭାବେ ରାତି ଅର୍ଦ୍ଧରେ ଠିକାଦାର କାର୍ଯ୍ୟ କରିଚାଲିଛି । ଏ ବାବଦରେ ବିଭାଗୀୟ ଏସଡିଓ ଓ କନିଷ୍ଠଯନ୍ତ୍ରୀ ଜାଣି ମଧ୍ୟ ନିଦାବିଷ୍ଟୁ ସାଜିଥିବା ସ୍ଥାନୀୟ ଲୋକ କହିଛନ୍ତି । ଏପରିକି ରାସ୍ତା ଆରମ୍ଭର ଶେଷ ଯାଏଁ ଅଣ ଓସୋରିଆ ରାସ୍ତା ହୋଇଥିବାରୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତାକୁ ଜବରଦଖଲ କରି ବାଡ ବସାଇବା ସହ କଂକ୍ରିଟ ପିଣ୍ଡି କରି ରଖିଥିବାରୁ ପୀଠକୁ ଆସୁଥିବା ଭକ୍ତଙ୍କ ଗାଡି ସହ ସ୍ଥାନୀୟ ଲୋକଙ୍କ ଗାଡି ଯାତାୟାତରେ ପ୍ରତିଦିନ ବାଧକ ସାଜୁଛି । ଫଳରେ ପ୍ରତି ସୋମବାର ଓ ବିଭିନ୍ନ ପର୍ବପର୍ବାଣୀରେ ଆଗନ୍ତୁକ ଭକ୍ତ ମଠଡିହ କୁଳେଇପଦା ଠାରୁ ଦୀର୍ଘ ୭-୮ କିମି ବୁଲି ମନ୍ଦିର ପାଖକୁ ଆସୁଛନ୍ତି । ଅନ୍ୟପଟେ କାର୍ଯ୍ୟରତ ଠିକାଦାର ଘରୋଇ ଜାଗାରେ ଜୋର ଜବରଦସ୍ତ କଂକ୍ରିଟ କରୁଥିବା ଜମି ମାଲିକ ଶେଷଦେବ ପାଢୀ, ଚନ୍ଦ୍ରକାନ୍ତ ପାଢୀ, କ୍ଷିରୋଦ ପାଢୀ ପ୍ରମୁଖ ଅଭିଯୋଗ କଲେ ଠିକାଦାର ନାଲି ଆଖି ଦେଖାଇବା ସହ ପୋଲିସ ଧମକ ଦେଉଛି । ଏପରି ସମସ୍ୟାର ଯଦି ସମାଧାନ ନହେବ ତାହାଲେ ଆଗାମୀ ଦିନରେ ଜମି ମାଲିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରୋକଠୋକ କହିଛନ୍ତି । ନିମ୍ନମାନର କାର୍ଯ୍ୟ ଓ ସୂଚନାଫଳକ ବାବଦରେ ବିଭାଗୀୟ ଏସଡିଓଙ୍କୁ ପଚାରିବାରୁ ରାସ୍ତାରେ କଂକ୍ରିଟ ହେବା ପୂର୍ବରୁ ଉଭୟ ପାର୍ଶ୍ୱରେ ସାଢେଚାରି ଫୁଟର ସୁରକ୍ଷା ପ୍ରାଚେରୀ ଉଠିବା ପରେ ବାଲି ଓ ମେଣ୍ଟାଲିଂ କରାଯାଇ ପରେ କଂକ୍ରିଟ କାର୍ଯ୍ୟ ହେବାର ବ୍ୟବସ୍ଥା ରହିଛି । ହେଲେ ଏପଟେ କନିଷ୍ଠଯନ୍ତ୍ରୀ ଓ ଠିକାଦାର କହିଛନ୍ତି ରାସ୍ତା ଅଣ ଓସାରିଆ ଓ ଗଛ ରହିଥିବାରୁ ସୁରକ୍ଷା ପ୍ରାଚେରୀ ଉଠାଯାଇପାରିବ ନାହିଁ । ତେଣୁ ଗଛମୂଳରେ କଂକ୍ରିଟ କରାଯାଇ ରସ୍ତା କାର୍ଯ୍ୟ କରାଯାଉଛି । ଯେଉଁ କାର୍ଯ୍ୟ ହେଉଛି ପଙ୍କ କାଦୁଅ ପାଣିରେ ସିମେଣ୍ଟ ଗୋଳାଯାଉଥିବା ବେଳେ ଗଛ ମୂଳରୁ ଚେର କଢାଯାଉନଥିବାରୁ ରାସ୍ତାର ସ୍ଥାୟୀତ୍ୱକୁ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ । ଏ ବାବଦରେ ଜାତୀୟ ରାଜପଥର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବା ସହ ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକ ।

# କେନ୍ଦ୍ରାପଡ଼ାକୁ ଶିଶୁ ଶ୍ରମିକ ମୁକ୍ତ କରିବା ନେଇ ପ୍ରୟାସ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ତରଫରୁ ଏକ ଶିଶୁ ଶ୍ରମିକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ରଥ ଉଦ୍‌ଘାଟନ ସମୟରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ସହକାରୀ ଶ୍ରମ ଅଧିକାରୀ ଆଶୁତୋଷ ପଟେଲ୍, ଜ୍ୟୋତିରଞ୍ଜନ ପରିଡା, ଡିଏସ୍‌ଡବ୍ଲୁଓ ମନୋରମା ସ୍ୱାଇଁ, ଏଲ୍‌ପିଓ ବିବେକାନନ୍ଦ ଅତବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ । ୧୪ ବର୍ଷରୁ କମ୍ ଶିଶୁ ଶ୍ରମିକଙ୍କୁ କୌଣସି କାର୍ଯ୍ୟରେ ନିଯୁକ୍ତ ନକରିବା ସଂପର୍କରେ ଏହି ରଥଟି ୧୫ ଦିନ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ପୌରାଞ୍ଚଳ ଓ ପଞ୍ଚାୟତ ଗୁଡିକ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିବ । ଏଥିସହିତ ହୋଟେଲ୍ ମାଲିକ ଓ ଅନ୍ୟାନ୍ୟ କଲ କାରଖାନାରେ ନିୟୋଜିତ କରିଥିବା ମାଲିକମାନଙ୍କୁ ସଚେତନ କରାଇବା ସହିତ ଯଦି କୌଣସି ଶିଶୁ ଶ୍ରମିକ କୌଣସି ଅନୁଷ୍ଠାନରେ ନିୟୋଜନ ଥାଏ ତେବେ ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

# ବୁଲା ଗୋରୁଙ୍କ ଚରାଭୂଇଁ ପାଲଟିଛି ମୁଖ୍ୟ ରାସ୍ତା:ବଢୁଛି ଅସନ୍ତୋଷ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିକାଶ ପାଇଁ ବିଭିନ୍ନ ଯୋଜନାର ଅନୁଦାନ ପାଣ୍ଠି ଉନ୍ନୟନ କାର୍ଯ୍ୟ ପାଇଁ ଆସିଥାଏ । ରାସ୍ତା ଘାଟ ଠାରୁ ସାହି ବସ୍ତି ତଥା ପରିବେଶ ପରିଚ୍ଛନ୍ନତା ପାଇଁ କ୍ରମଶଃ ପରିବର୍ତ୍ତନ କରାଯାଇଥାଏ । ସହରକୁ ସବୁଜ ସୁନ୍ଦର ଗଢ଼ି ତୋଳିବା ଲାଗି ପ୍ରଶାସନିକ ସ୍ତରରୁ ଲୋକପ୍ରତିନିଧି, ରାଜନେତା, ବ୍ୟବସାୟୀ, ବୁଦ୍ଧିଜୀବୀ ମାନଙ୍କ ସ୍ତରରେ ଉଦ୍ୟମ ହୋଇ ବ୍ୟାପକ ମାତ୍ରାରେ ପ୍ରସ୍ତୁତି ଚାଲିଥାଏ । ସହରର କେତକ ସ୍ଥାନରେ ପରିବେଶ ଚଳଚଞ୍ଚଳ ଭିତରେ ଅଣନିଶ୍ୱାସୀ ହୋଇ ପଥିକ ଓ ସାଧାରଣ ଜନତାଙ୍କ ଦୁଃଖ ଦୁର୍ଦ୍ଦଶା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ରମ୍ଭା ସହରାଞ୍ଚଳ ଐତିହାସିକ ପର୍ଯ୍ୟଟନ ଓ ସ୍ମାରକୀ ପୀଠର ବହନ କରୁଥିବା ବେଳେ ରାସ୍ତାରେ ଅବାଧରେ ପଲ ପଲ ବୁଲା ଗାଈ ଗୋରୁ ବଚରଣ ଯୋଗୁଁ



ଦୂରତ୍ୱର ସମସ୍ୟା ଦେଖାଦେଇଛି । ଦୈନନ୍ଦିନ ବିଷମ ପରିସ୍ଥିତି ସୃଷ୍ଟି କରୁଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ, ଆଗନ୍ତୁକ, ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ତ ସରକାରୀ ଅଫିସର, ବିଧାୟକ ଓ ମନ୍ତ୍ରୀ ମାନଙ୍କ ପାଦ ପଡୁଥିବା ବେଳେ ଏଭଳି ସମସ୍ୟାକୁ କାହାର ନିଘାନଥିବା ଜଣାଯାଇଛି । ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ନିକଟରେ ରମ୍ଭା ସହରାଞ୍ଚଳରେ ସଂଗ୍ରାମୀ ସ୍ମାରକୀ ପୀଠର ୪୧ ଗୋଟି ବରପୁତ୍ର ମାନଙ୍କ ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉନ୍ମୋଚନ ଗ୍ରସ୍ତକୁ ଦୃଷ୍ଟିରେ ରଖି ଏନ୍‌ଏସି ଓ ପୋଲିସ ପକ୍ଷରୁ ପୂର୍ବ ଦିନ ଧର ପଗଡ଼ କରାଯାଇ ସହରରେ କୋକୁଆ ଭୟ ସୃଷ୍ଟି କରିଥିଲେ । କିନ୍ତୁ ଆଜି ପୁନଃ ମୂଶିକଭବଃ ନୀତିରେ ସେହିଭଳି ଅବସ୍ଥା ସହରାଞ୍ଚଳରେ ଦେଖିବା ଲକ୍ଷ୍ୟ କରାଯାଇଛି । ଲୋକ ଦେଖାଣିଆ ଭାବେ ଗୋରୁ ଗାଈ ଧରା ଗାଡ଼ିରେ ଗୋପାଳକ ମାନଙ୍କ ଗାଈ ଗୋରୁ ଉଠାଇ ନେଇ ଅନତି ଦୂରରେ ଛାଡିଦେଇ ନିର୍ଶ୍ଚିତ ରହୁଥିବା ଗୋପାଳ ମାନଙ୍କ ଠାରୁ କିଛି ତଣ୍ଡ ଆଦାୟ କରି ଏନ୍‌ଏସି କାର୍ଯ୍ୟାଳୟ କର୍ତ୍ତୃପକ୍ଷ କାମସାରୀ ହାତ ଚିକ୍କଣ କରି ବସୁଥିବା ଜଣାଯାଇଛି । ମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ବୁଲା ପଶୁ ମାନଙ୍କୁ ରାସ୍ତାରୁ ହଟାଇବା ଲାଗି ଉଦାସୀନତା ଓ ଶିଥିଳତା ରହିଥିବା ସାଧାରଣରେ କୁହାକୁହି ହେଉଛନ୍ତି । ସ୍ଥାନେ ସ୍ଥାନେ ବୁଲା ଗାଈ ଗୋରୁ ମାନେ ଦୋକାନ ପାର୍ଶ୍ୱ, ହୋଟେଲ, ପନିପରିବା ଦୋକାନ ମାନଙ୍କରୁ ଅବାଧରେ ପଶି ଖାଦ୍ୟ ଟାଣିଆଣି ସେବନ କରୁଥିବା ଲକ୍ଷ୍ୟ କରାଯାଇଛି । ତତ୍ ସହିତ ପଥିକ, ବାଟୋଇ, ପଥଚାରୀ, ଯାନ ବାହାନ ଛୋଟ ବଡ଼ ଦୁର୍ଘଟଣା ନୀତି ଦିନିଆ ପାଲଟିଛି । ଏଥି ସହିତ ପାର୍ଶ୍ୱବର୍ତ୍ତୀ ଗୃହ ନିର୍ମାଣ ସାମଗ୍ରୀ, ବାଲି, ଗୋଡି, ଇଟା, ପଥର ବେଆଇନ୍ ଭାବେ ଜମା କରି ଗାଡି ପାର୍କିଙ୍ଗ ହୋଇ ରାସ୍ତା ସଙ୍କୁଚିତ ହୋଇଥିବା ଅଭିଯୋଗ ହେଉଛି । ସମସ୍ୟାର ସମାଧାନ ଦିଗରେ ପ୍ରଶାସନର ଦୁର୍ବଳତା ପଦାରେ ପଡ଼ି ହାଟରେ ଗଡୁଛି ବୋଲି ଲୋକମାନେ କହୁଛନ୍ତି ।

# ପୁଣି ମୁଣ୍ଡ ଟେକିଲା ସିରିଲିଗୁଡା ଜଙ୍ଗଲ ଜମି ବିବାଦ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ଚାଷ ସିଜନ୍ ଏହି ସମୟରେ ପ୍ରତି ବର୍ଷ ଉମରକୋଟ ଅଞ୍ଚଳରେ ଦେଖାଦିଏ ଜମି ଅଧିକାର ବିବାଦ, ରାଜସ୍ୱ ବିଭାଗ, ବନ ବିଭାଗ ଠାରୁ ପୋଲିସ ପ୍ରଶାସନ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟି ଯାଏ, ଦୀର୍ଘ ବର୍ଷ ହେଲା ଲାଗି ରହିଥିବା ଜଙ୍ଗଲ ଜମି ବିବାଦ ଦେଖା ଦେଇଛି । ସିରିଲିଗୁଡା ଭିଏସଏସ ଅଧୀନରେ ପ୍ରାୟ ୬୦୦ ହେକ୍ଟର ଜଙ୍ଗଲ ଥିଲା ତାହା କାଳକ୍ରମେ ଜଙ୍ଗଲ ଚାଷ ଜମିରେ ପରିଣତ ହେଲା । ଏହାକୁ ବିରୋଧ କରି ପୂର୍ବରୁ ଅନେକ ଥର ମକା ଚାଷ ନଷ୍ଟ, ଘରପୋଡିବା ଓ ଗଣ୍ଡଗୋଳ ହୋଇ ମାମଲା ମାନ ବିଚାରଧୀନ ଅଛି । ଏହି ସବୁ ବିବାଦର ଅନ୍ତ ନ ଘଟୁଣୁ ଚଳିତ ବର୍ଷ ନୂଆ ବିବାଦ ମୁଣ୍ଡ ଟେକଛି, ଲକଟିପାଖାନା ଓ କପାସାଭଟା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଆମକୁ VSS କମିଟି ଉଛେଦ କରି ଜଙ୍ଗଲ କିସମ ଚାଷ ଜମି ମଧ୍ୟରେ ଜବରଦସ୍ତି ଚାଷ କରୁଛନ୍ତି, ଉମରକୋଟ TLMC (ତହସିଲ ଲେବେଲ ମନିଟରିଙ୍ଗ କମିଟି)ରେ



ସମସ୍ତଙ୍କ ବ୍ୟକ୍ତିଗତ ଦଖଲ ଜଙ୍ଗଲ ଜମି ପଟ୍ଟା ଯୋଗାଇଦେବା ନିମନ୍ତେ ଆବେଦନ କରିଛନ୍ତି କିନ୍ତୁ ୬ ମାସ ହେବ ସେ ଆବେଦନ ଅନୁଯାୟୀ କିଛି ତଦନ୍ତ ହେଇ ନାହିଁ କିନ୍ତୁ ଜମି ଛଡ଼ାଇ ନିଜ ଅକ୍ତିଆରକୁ ନେଇ ସିର୍ଲିଗୁଡ଼ା VSS ମକା ଚାଷ କରୁଛନ୍ତି । କପସାଭଟା ଓ ସାରିଆଭଟା ଛୋଟ ଗ୍ରାମ ହେଇଥିବା ହେତୁ ଏହି ଦୁଇ ଗ୍ରାମର ଲୋକଙ୍କୁ ସିର୍ଲିଗୁଡ଼ା VSSର ୫୦୦ ପରିବାର ଡରାଇ ଧମକାଇ ଜମି ଛଡ଼ାଇ ନିଜ ଅକ୍ତିଆରକୁ ନେଇ ଚାଷ କରୁଛନ୍ତି । ଅନ୍ୟ ପକ୍ଷରେ VSS କମିଟିଙ୍କୁ ଏହି ସମ୍ପର୍କରେ ଯୋଗାଯୋଗ କରିବାରୁ ଏହି ପ୍ଲାଣ୍ଟେସନରେ ଚାଷ କରୁଥିବା ବ୍ୟକ୍ତି ମାନଙ୍କ ଅନ୍ୟତ୍ର ଜମି ଅଛି କିନ୍ତୁ ପ୍ଲାଣ୍ଟେସନକୁ କାଟି ଜଙ୍ଗଲ ନଷ୍ଟ କରି ଜବର ଦଖଲ କରୁଛନ୍ତି ଯାହା ଆମେ ବିରୋଧ କରୁଛୁ । ଚଳିତ ବର୍ଷ ଆମେ ଚାଷ କରୁନାହୁଁ ବରଂ ସେହି ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଗଛ ଲଗାଇବା ପ୍ରକ୍ରିୟା ଆରମ୍ଭ କରିଛୁ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେଉଛୁ । ଏହି ସମ୍ପର୍କରେ ସ୍ଥାନୀୟ ବନପାଳ ଅକୁଳ ବୈରାଗୀଙ୍କୁ ଯୋଗାଯୋଗ କରିବାରୁ ସେ ଚଳିତ ବର୍ଷ ଏହି ଠାରେ ଗ୍ରାମବାସୀଙ୍କ ସହାୟତାରେ ତିରିଶି ହଜାର ଗଛ ଲଗାଯାଇ ନୂତନ ଜଙ୍ଗଲ ସୃଷ୍ଟି ପାଇଁ କାମ ଚାଲିଥିବା ପ୍ରକାଶ କରିଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁନ୍ ୨୦୨୫ ସୋମବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦଳାଚକଟା ଘଟଣାରେ...

ଅନେକ ଭକ୍ତ ଆହତ ହୋଇଥିବା ବେଳେ ଏହାର ମାତ୍ର ଦିନକ ପରେ ପୁଣି ରବିବାରର ଅଘଟଣ ଦର୍ଶାଉଛି, ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି, ଏହି ଭୟାବହ ଅଘଟଣ ଘଟିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ସରକାରୀ ବ୍ୟବସ୍ଥା ସେଠାରେ ନଥିଲା, ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଉଛି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ମୃତକଙ୍କ ପରିବାର ସହ କଥା ହେଲେ ନବୀନ ପଟ୍ଟନାୟକ । ଶରଧାବାଲିରେ ଦଳାଚକଟା ଯୋଗୁଁ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଠାନ୍ତର ଗ୍ରାମର ପ୍ରଭାତୀ ଦାସଙ୍କ ଦୁଃଖଦ ମୃତ୍ୟୁ ହୋଇଥିଲା । ରବିବାର ସକାଳେ ଶ୍ରୀ ପଟ୍ଟନାୟକ ମୃତ ପ୍ରଭାତୀ ଦାସଙ୍କ ପୁଅ ଆୟୁଷ ଦାସଙ୍କ ସହିତ ମୁମ୍ବାଇରୁ ଫୋନ୍ ଯୋଗେ କଥା ହୋଇ ଶୋକ ବ୍ୟକ୍ତ କରିବା ସହ ଗଭୀର ସମବେଦନା ଜଣାଇଥିଲେ ।

## ମୃତକଙ୍କ ପରିବାରଙ୍କୁ ...

ପ୍ରକାଶ କରିଛନ୍ତି। ପରଲୋକଗତ ଭକ୍ତ ମାନଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହିତ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି।

## ଦଳାଚକଟା ଘଟଣାରେ କ୍ଷମାମାଗିଲେ ...

ଏବଂ ମୋ ସରକାର ସମସ୍ତ ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ। ଯେଉଁ ଭକ୍ତମାନଙ୍କର ଜୀବନଦୀପ ଶରଧାବାଲିରେ ଲିଭିଯାଇଛି ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଏହି ଭଳି ଏକ ଦାରୁଣ ଦୁଃଖକୁ ସହିବା ନିମନ୍ତେ ଶକ୍ତି ଦେବାପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଏହି ଘଟଣାର ସଂପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜିଠୁ ଚତୁର୍ଦ୍ଧା ...

ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନ ସାଢ଼େ ୪ରୁ ସାଢେ ୫ଟା ମଧ୍ୟରେ ଆଡ଼ପ ପହଣ୍ଡି ବିଧି ମୁତାବକ ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିବା ପରଦିନ ଆଡ଼ପ ବିଜେ ତଥା ଆଡ଼ପ ପହଣ୍ଡି କରାଯାଇଥିଲା। ରବିବାର ଚତୁର୍ଦ୍ଧା ବିଗ୍ରହ ଗୋଟି ପହଣ୍ଡିରେ ଆଡ଼ପ ବିଜେ କରିଥିଲେ। ଅପରାହ୍ନ ସାଢ଼େ ୩ରୁ ସାଢ଼େ ୪ଟା ମଧ୍ୟରେ ଭୋଇ ସେବକମାନଙ୍କୁ ଘୋଡ଼ା ଓହ୍ଲାଇବା ସହ ଚରମାଳ ବାନ୍ଧିବା ପାଇଁ ନିର୍ଦ୍ଦେଶ ରହିଥିଲା। ନୀତିକାନ୍ତିକୁ ଦୃଷ୍ଟିରେ ରଖି ସବୁକିଛି ଆଗକୁ ବଢିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ଏଥିସହ ଆଡ଼ପ ଅବଢ଼ା ପାଇଁ ଅପେକ୍ଷାରତ ଭକ୍ତମାନେ ୩୦ ତାରିଖରେ ଗୁଣ୍ଡିଚା ମନ୍ଦିରରୁ ଆଡ଼ପ ଅବଢା ପ୍ରାପ୍ତ ହେବେ। ଏଥିପାଇଁ ଗୁଣ୍ଡିଚା ମନ୍ଦିରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।

## ମନ୍ କୀ ବାତ୍‌ରେ ...

କରିପାରିବେ ଯେ ସେଇ ସମୟ କେମିତି ଭୟଙ୍କର ଥିଲା। ଜରୁରୀକାଳ ଲାଗୁ କରିଥିବା ଲୋକମାନେ କେବଳ ଆମ ସମ୍ବିଧାନକୁ ହତ୍ୟା କରିନଥିଲେ, ସେମାନଙ୍କ ଉଦ୍ଦେଶ୍ୟ ନ୍ୟାୟପାଳିକାକୁ ମଧ୍ୟ ଗୁଲାମ ବନାଇ ରଖିବା ଥିଲା। ଏହି ସମୟରେ ଲୋକମାନେ ବିପୁଳ ପରିମାଣରେ ନିର୍ଯାତନା ଭୋଗ କରିଥିଲେ। ଏହାର ଏମିତି ଅନେକ ଉଦାହରଣ ଅଛି, ଯାହାକୁ କେବେ ଭୁଲିହେବ ନାହିଁ। ସେ କାର୍ଯ୍ୟକ୍ରମ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ, ବାବୁ ଜଗଜୀବନ ରାମ ଓ ଅଟଳ ବିହାରୀ ବାଜପେୟୀଙ୍କ ପୁରୁଣା ଅଡିଓ ମଧ୍ୟ ଶେୟାର କରିଥିଲେ, ଯେଉଁଥିରେ ସେମାନେ ସେଇ ସମୟର ଭୟାବହତାକୁ ସ୍ପଷ୍ଟ କରିଥିଲେ।

ସେ କହିଛନ୍ତି ଯେ, ଜର୍ଜ ଫର୍ଣ୍ଣାଣ୍ଡିସ୍ ସାହେବଙ୍କୁ ଜଞ୍ଜିରରେ ବାନ୍ଧି ଦିଆଯାଇଥିଲା। ଅନେକ ଲୋକଙ୍କୁ ଅକଥନୀୟ ଯାତନା ଦିଆଯାଇଥିଲା। ମିସା ଆଇନ ଅନ୍ତର୍ଗତ ଅନେକ ଲୋକଙ୍କୁ ବିନା କାରଣରେ ଗିରଫ କରାଯାଇଥିଲା। ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍ପୀଡିତ ହେଉଥିଲେ। ଅଭିବ୍ୟକ୍ତିର ସ୍ୱାଧୀନତାକୁ ମଧ୍ୟ ସଂପୂର୍ଣ୍ଣ ଭାବେ ଦମନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ସେଇ ସମୟରେ ଯେଉଁ ହଜାର ଲୋକ ଗିରଫ ହୋଇଥିଲେ ସେମାନେ ଏମିତି ଅମାନବୀୟ ଆତ୍ୟାଚାର ହୋଇଥିଲେ, ତଥାପି ଏହା ଭାରତୀୟ ଲୋକମାନଙ୍କର ସାମର୍ଥ୍ୟ ଯେ ସେମାନେ ନଇଁଲେ ନାହିଁ, ଭଙ୍ଗିଲେ ନାହିଁ ଏବଂ ଗଣତନ୍ତ୍ର ସହିତ କୌଣସି ବୁଝାମଣା କରିବାକୁ ସ୍ୱୀକାର କରିନଥିଲେ। ଶେଷରେ, ଗଣତନ୍ତ୍ର-ଲୋକଙ୍କର ଜୟ ହେଲା। ଜରୁରୀକାଳକୁ ହଟାଇ ଦିଆଗଲା ଏବଂ ଜରୁରୀକାଳ ଲାଗୁ କରିଥିବା ଲୋକମାନେ ହାରିଗଲେ।

## ଆଇଏଏସ୍ ଓ...

ଆଇପିଏସ ଅଧିକାରୀ ପୁଲିସ୍ ପରିଚାଳନା ଦାୟିତ୍ୱ ତୁଲାଇବେ । ଶରଧାବାଲି ଅଘଟଣ ପରେ ତାଙ୍କୁ ପୁରୀ ଡକରା ଯାଇଛି ।

ରଥଯାତ୍ରା କିପରି ସୁରୁଖୁରୁରେ ଶେଷ ହେବ ସେନେଇ ସମସ୍ତ ସହଯୋଗ ଲୋଡ଼ିଛନ୍ତି ନୂଆ ଜିଲ୍ଲାପାଳ । ସେହିପରି ପିନାକ ମିଶ୍ରଙ୍କୁ ପୁରୀ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରଦ୍ଧାଳୁଙ୍କୁ ନିବେଦନ କରିଛନ୍ତି ପିନାକ ମିଶ୍ର । ସେ କହିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରାରେ ପୁଲିସକୁ ସହଯୋଗ କରନ୍ତୁ । ଧୈର୍ଯ୍ୟ ସହ ଠାକୁରଙ୍କୁ ଦର୍ଶନ କରନ୍ତୁ। କାଳିଆ ସାଆନ୍ତଙ୍କ ନିକଟରେ ପ୍ରାର୍ଥନା କରି, ନିଜର ଛୋଟ ଅଭିଜ୍ଞତାକୁ ନେଇ କାମ କରିବେ ବୋଲି ଆଇପିଏସ ପିନାକ ମିଶ୍ର କହିଛନ୍ତି ।

ସେପଟେ ଶରଧାବାଲି ଅଘଟଣ ପରେ ଆଇଏଏସ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ନୂଆ ଦାୟିତ୍ୱ ମିଳିଛି । ତାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଓଏସଡି ନିଯୁକ୍ତି ଦିଆଯାଇଛି। ତାଙ୍କ ସ୍ଥାନରେ ଚଞ୍ଚଳ ରଣା ପୁରୀ ଜିଲ୍ଲାପାଳ ହୋଇଛନ୍ତି । ସେହିପରି ପୁରୀ ଏସପି ବିନିତ୍ ଅଗ୍ରୱାଲଙ୍କ ସ୍ଥାନରେ ପିନାକ ମିଶ୍ର ଏସପି ହୋଇଛନ୍ତି ।

## ବନ୍ଦରଭିତ୍ତିକ ...

ବିଶେଷ କରି ଶିଳ୍ପ ଭିତ୍ତିକ ବିକାଶ, ସବୁଜ ଶକ୍ତି ବା ଗ୍ରୀନ ଓ ରିନିଓ୍ୱଲ ଏନର୍ଜିର ଉତ୍ପାଦନ ଏବଂ କୋଲ ଗ୍ୟାସିଫିକେସନ ପ୍ଲାଣ୍ଟ ସ୍ଥାପନ ଉପରେ ଆଲୋଚନା ହୋଇଛି । ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ନିବେଶ ବୃଦ୍ଧି ଲାଗି ଆଦାନୀ ଗ୍ରୁପ ଅଧ୍ୟକ୍ଷ ସହମତି ପ୍ରକାଶ କରିଥିବା ସୂଚନା ମିଳିଛି ।

## ଆଜି ଶ୍ରୀବିଗ୍ରହଙ୍କ ...

ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ। ବନକଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥାଏ। ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ ।

## ପାକିସ୍ତାନକୁ ...

ପାକିସ୍ତାନ ପରମାଣୁ ଆକ୍ରମଣ କରିଥାନ୍ତା, ତେବେ ଏହା ସ୍ପଷ୍ଟ ଯେ, ଆମର ନୀତି ହେଉଛି ପାକିସ୍ତାନର ଅସ୍ତିତ୍ୱ ଆଉ ରହିବ ନାହିଁ । ତାଙ୍କର ମନ୍ତବ୍ୟ ସୋସିଆଲ ମିଡିଆରେ ବହୁ ସଂଖ୍ୟାରେ ସେୟାର କରାଯାଉଛି ଏବଂ ଏହାକୁ ସେହି ପାକିସ୍ତାନୀମାନଙ୍କ ପାଇଁ ଏକ ବାର୍ତ୍ତା ଭାବରେ ବିବେଚନା କରାଯାଉଛି, ଯେଉଁମାନେ ବାରମ୍ବାର ଏବଂ ପ୍ରତ୍ୟେକ ପ୍ରସଙ୍ଗରେ ପରମାଣୁ ବୋମା ବ୍ୟବହାର କରିବାକୁ ଧମକ ଦେଇ ଚାଲିଛନ୍ତି।

ଭାରତ ଅପରେସନ ସିନ୍ଦୂରରେ ସ୍ପଷ୍ଟ କରିଛି ଯେ, କୌଣସି ପ୍ରକାରର ପରମାଣୁ ବ୍ଲାକମେଲିଂକୁ ସହ୍ୟ କରିବ ନାହିଁ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସ୍ପଷ୍ଟ ଶବ୍ଦରେ କହିଛନ୍ତି, ଭାରତ ଏବେ ଆତଙ୍କବାଦୀ ଘଟଣାକୁ ଭାରତ ବିରୁଦ୍ଧରେ ଯୁଦ୍ଧ ଭାବରେ ଦେଖିବ। ଇଣ୍ଡୋନେସିଆନ ବାୟୁସେନା ବିଶ୍ୱବିଦ୍ୟାଳୟ ଭାରତ-ପାକିସ୍ତାନ ବାୟୁ ଯୁଦ୍ଧର ବିଶ୍ଳେଷଣ ପାଇଁ ଏକ ସେମିନାର ଆୟୋଜନ କରିଥିଲା, ଯେଉଁଥିରେ ଉନ୍ନତ କ୍ଷେପଣାସ୍ତ୍ର, ଡ୍ରୋନ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଅଭୂତପୂର୍ବ ବ୍ୟବହାର ବିଷୟରେ ଆଲୋଚନା କରାଯାଇଥିଲା। ଇଣ୍ଡୋନେସିଆନ ବାୟୁସେନାର ଲକ୍ଷ୍ୟ ଥିଲା ଭାରତୀୟ ବାୟୁସେନା ପାକିସ୍ତାନ ଭିତରେ ଆକ୍ରମଣ କରିଥିବା ସଠିକତା, ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିବା ଏବଂ ତା'ପରେ ପାକିସ୍ତାନର ୧୧ ଟି ବାୟୁସେନା ଘାଟି ଉପରେ ଆକ୍ରମଣ କରିଥିବା ସଠିକତାକୁ ସମୀକ୍ଷା କରି ଯୁଦ୍ଧ ବିଷୟରେ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟି ହାସଲ କରିବା। ଭାରତୀୟ ବାୟୁସେନା ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ବିରୁଦ୍ଧରେ ଅତ୍ୟାଧୁନିକ ସଠିକତା-ନିର୍ଦ୍ଦେଶିତ କ୍ଷେପଣାସ୍ତ୍ର, ଗୁପ୍ତ ଡ୍ରୋନ ଏବଂ ରେଡିଏସନ୍-ବିରୋଧୀ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା। ଭାରତୀୟ ଆକ୍ରମଣ ଏତେ ସଠିକ ଏବଂ ଦ୍ରୁତ ଥିଲା ଯେ, ପାକିସ୍ତାନ ବାୟୁସେନାର ଲଢୁଆ ବିମାନଗୁଡ଼ିକ ସେମାନଙ୍କ ବାୟୁସେନା ଘାଟିରୁ ଉଡ଼ିପାରିଲା ନାହିଁ । ଏହି ଅଭିଯାନ ଭାରତୀୟ ବାୟୁସେନାର ବୈଷୟିକ ଶ୍ରେଷ୍ଠତା ଏବଂ ରଣନୈତିକ ସ୍ପଷ୍ଟତାର ପ୍ରମାଣ ଭାବରେ ଉଭା ହୋଇଛି।

# ସ୍ଥାପତ୍ୟରେ ୫୦ ବର୍ଷ, ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ଶିଳ୍ପୀ ସମୂହର ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ସ୍ଥାପତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ସ୍ଥାପତ୍ୟରେ ୫୦ ବର୍ଷ ପୂରଣ ଉପଲକ୍ଷେ ଓ ନିକଟରେ ଜୀବନ ବ୍ୟାପି ସମର୍ପିତ କାର୍ଯ୍ୟ ପାଇଁ ତାଙ୍କୁ ଦିଲ୍ଲୀରେ ରାଷ୍ଟ୍ରୀୟ ସମ୍ମାନ 'ଦେଶ ରତ୍ନ ସମ୍ମାନ' ମିଳିଛି । ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶିଳ୍ପୀମାନେ ପଦ୍ମଶ୍ରୀ ପ୍ରଭାକରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଧଉଳି ଛକ କୋଣାର୍କ କଳା ଆର୍ଟ ଗ୍ୟାଲେରୀଠାରେ ଆୟୋଜିତ ଏହି ସମାରୋହରେ ପଦ୍ମଶ୍ରୀ ପ୍ରଭାକର ମହାରଣା କହିଥିଲେ ଯେ, ଓଡ଼ିଶା




ସାରା ବିଶ୍ୱର କଳା ସଂସ୍କୃତିର ପ୍ରାଣକେନ୍ଦ୍ର । ଦେଶର ଭାବାବେଗ ସହ ଏହା ଜଡ଼ିତ । ଆମ କଳା ଭାସ୍କର୍ଯ୍ୟ ସଂସ୍କୃତିକୁ ଅଧିକ ଉତ୍କର୍ଷ କରି ଜାତୀୟ ଏକତାକୁ ସୁଦୃଢ଼ କରି ରଖିଛି । ଓଡ଼ିଶାର ପ୍ରସ୍ତରଶିଳ୍ପୀ ଅତି ନିଖୁଣ ଭାବେ ମୂର୍ତି ଓ ମନ୍ଦିରକୁ ଗଢ଼ି ଜୀବନ୍ତ ରୂପ ଦେଇଥାନ୍ତି । ଏଥିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ଥାପତ୍ୟ ସୋମନାଥ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ୭ଜଣ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କଳାକାର ଯଥା ବିଜୟ ପରିଡା, ଭ୍ରମରବର ନାୟକ, କଳ୍ପତରୁ ମହାରଣା, ପଦ୍ମନାଭ ଓଝା, ବ୍ରହ୍ମାନନ୍ଦ ମହାରଣା, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପଣ୍ଡା, କେନ୍ଦ୍ରୀୟ ବୟନ ଓ କୁଟୀର ଶିଳ୍ପ ସହ ନିର୍ଦ୍ଦେଶକ ଭୁବନ ଭାସ୍କର ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଜାତୀୟ ପୁରସ୍କାର ପ୍ରାପ୍ତ କଳାମଣି ରତ୍ନାକର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅସ୍ମିତା ଓ ଜାତୀୟତାର ପ୍ରତୀକ ଥିଲେ କପିଳେନ୍ଦ୍ର ଦେବ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳ ସମ୍ମିଳନୀ ଆନୁକୁଲ୍ୟରେ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ଦିବସ ରବିବାର ଭୁବନେଶ୍ୱରର ଲୋହିଆ ଏକାଡେମୀ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି। ପ୍ରଫେସର ଅଦ୍ୱୈତ କୁମାର ପାତ୍ରଙ୍କ ସଭାପତିତ୍ୱରେ 'ଦିଗବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବ ଓ ଓଡ଼ିଆ ଜାତୀୟତା ଏବଂ ଅସ୍ମିତା' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଭାରତ ସରକାରଙ୍କ ଶିକ୍ଷା ବିଭାଗର ସଚୀବ ଶ୍ରୀ ଅରୁଣ କୁମାର ରଥ, ଡାକ୍ତର ଇନ୍ଦ୍ରମଣି ଜେନା, ସାହିତ୍ୟିକ ସୁବ୍ରତ ପୃଷ୍ଟି ଓ ପ୍ରତ୍ନତତ୍ତ୍ୱବିଦ୍ ଡଃ ଅନାମ ବେହେରା ସମ୍ରାଟ କପିଳେନ୍ଦ୍ର ଦେବଙ୍କ କୃତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ କପିଳେନ୍ଦ୍ର ଦେବଙ୍କୁ ଅସ୍ମିତା ଓ ଜାତୀୟତାର ସର୍ବକାଳୀନ ପ୍ରତୀକ ରୂପେ ଅଭିହିତ କରି ଓଡ଼ିଶାବାସୀଙ୍କ ପାଇଁ ସେ ସ୍ମରଣୀୟ ହୋଇ ରହିବେ ମତ ପ୍ରକାଶ କରିଥିଲେ। ପ୍ରଫେସର ପଟ୍ଟନାୟକ ଆଲୋଚନା ମାଧ୍ୟମରେ କହିଥିଲେଯେ ରାଷ୍ଟ୍ରବାଦୀ କପିଳେନ୍ଦ୍ର ଦେବ ହେଉଛନ୍ତି ପ୍ରଥମ ସମ୍ରାଟ ଯିଏ ଘୋଷଣା କରିଥିଲେଯେ 'ଆମର ରାଷ୍ଟ୍ର ହେଲା ଓଡ଼ିଶା, ଆମ ରାଷ୍ଟ୍ରର ଭାଷା ହେଲା ଓଡ଼ିଆ ଓ ରାଷ୍ଟ୍ରର ଦେବତା ହେଲେ ଶ୍ରୀଜଗନ୍ନାଥ।' ସଭା ଶେଷରେ ଉତ୍କଳ ସମ୍ମିଳନୀର ଉପସଭାପତି ନିରଂଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅପରେସନ୍ 'ଯାତ୍ରୀ ସୁରକ୍ଷା' ଟ୍ରେନରେ ଡକାୟତି ଯୋଜନା କରୁଥିବା ଅପରାଧୀ ଗ୍ୟାଙ୍ଗ ଉପରେ ଆରପିଏଫର କଡ଼ା କାର୍ଯ୍ୟାନୁଷ୍ଠାନ : ୬ ଗିରଫ

**ପୁରୀ, ନ୍ୟୁଜ ବ୍ୟୁରୋ**

ଅପରେସନ୍ 'ଯାତ୍ରୀ ସୁରକ୍ଷା' ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାରେ, ରେଳ ସୁରକ୍ଷା ବଳ ଡିଟେକ୍ଟିଭ୍ ଓ୍ୱିଙ୍ଗ ପୁରୀର କୋଚିଂ କମ୍ପ୍ଲେକ୍ସରୁ ଛଅ ଜଣିଆ ଅପରାଧୀ ଗ୍ୟାଙ୍ଗକୁ ସଫଳତାର ସହ ଗିରଫ କରିଛି। ପୁରୀ ଏବଂ ଖୋର୍ଦ୍ଧା ରୋଡ୍ ସେକ୍ସନ ମଧ୍ୟରେ ଚଳାଚଳ କରୁଥିବା ରାତି ଟ୍ରେନରେ ଡକାୟତି କରିବାକୁ ଷଡ଼ଯନ୍ତ୍ର କରୁଥିବା ସମୟରେ ଏହି ଦଳକୁ ଅଟକାଯାଇଥିଲା। ତଲାସି ପରେ, ଆରପିଏଫ୍ ଦଳ ୨୩ଟି ଚୋରି ମୋବାଇଲ୍ ହ୍ୟାଣ୍ଡସେଟ୍, ୨୪,୪୫୦ ମୂଲ୍ୟର ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଉଦ୍ଧାର କରିଛି, ଯାହାର ମୋଟ ମୂଲ୍ୟ ୭,୧୩,୪୫୦ ହେବ ବୋଲି ଆକଳନ କରାଯାଇଛି। ପ୍ରାଥମିକ



ପଚରାଉଚରା ସମୟରେ, ଅଭିଯୁକ୍ତମାନେ ରେଳ ଷ୍ଟେସନ ଏବଂ ଯାତ୍ରୀ ଚଳପ୍ରଚଳ ଅଞ୍ଚଳରେ ଯାତ୍ରୀଙ୍କଠାରୁ ମୋବାଇଲ୍ ଫୋନ୍ ଚୋରିର ଅନେକ ଘଟଣା ସ୍ୱୀକାର କରିଛନ୍ତି। ଅଭିଯୁକ୍ତମାନେ ଯାତ୍ରୀବାହୀ ଟ୍ରେନରେ ମଧ୍ୟ ସକ୍ରିୟ ଭାବରେ ଡକାୟତି ଯୋଜନା କରୁଥିଲେ। ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ, ଉଦ୍ଧାର ହୋଇଥିବା ଚୋରି ସମ୍ପତ୍ତି ସହିତ, ପୁରୀର ସରକାରୀ ରେଳବାଇ ପୋଲିସ (ଜିଆରପି)କୁ ହସ୍ତାନ୍ତର କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ଅନୁଯାୟୀ ଏକ ଆନୁଷ୍ଠାନିକ ମାମଲା ପଞ୍ଜିକୃତ ହୋଇଛି। ଏହି ସଫଳ ଅଭିଯାନ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ରେଳ ପରିସର ଏବଂ ଟ୍ରେନ୍ ପରିଚାଳନାକୁ ସୁରକ୍ଷିତ ରଖିବା ପାଇଁ ରେଳ ସୁରକ୍ଷା ବାହିନୀର ଜାରି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ।

# ଶତାୟୁ ସମାଜସେବୀଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରତାପ ନଗରୀ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଦୁଃଶାସନ ରାଉତ ରବିବାର ତାଙ୍କ ନିଜ ବାସ ଭବନରେ ଦେହତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୧୦୩ବର୍ଷ ହୋଇଥିଲା। ସେ ଏକାଧାରରେ ଜଣେ ଆଶୁ କବି, ଚିତ୍ରକର ଓ ସଙ୍କୀର୍ତ୍ତନ ଗାୟକ ଥିଲେ । ରାଜ୍ୟ ସଂଗୀତ ନାଟକ ଏକାଡେମି ଦ୍ୱାରା ସେ ଦୁଇ ଦୁଇଥର ଜଣେ ବର୍ଷୀୟାନ କଳାକାର ଭାବେ ପୁରସ୍କୃତ ହୋଇଛନ୍ତି । ସମଗ୍ର ଅଞ୍ଚଳରେ ସେ ସଂକୀର୍ତ୍ତନ ଗୁରୁ ଭାବେ ସୁପରିଚିତ । ସେ ଜଣେ ପରୋପକାରୀ ବ୍ୟକ୍ତି ତଥା ସମାଜସେବୀ ଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, କନ୍ୟା, ଆତ୍ମୀୟସ୍ୱଜନ ତଥା ସମ୍ପର୍କୀୟ ମାନେ ଉପସ୍ଥିତ ଥିଲେ । ଆଖ ପାଖ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଗଣ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଶରଧାବାଲି ଦଳାଚକଟା ଅତ୍ୟନ୍ତ ଦୁଃଖ ଦାୟକ : ରାହୁଲ ଗାନ୍ଧି

**ନୂଆଦିଲ୍ଲୀ :**

ପୁରୀ ଶରଧାବାଲି ଠେଲାପେଲାକୁ ନେଇ ଟ୍ୱିଟ୍ କରି ଦୁଃଖ ପ୍ରକାଶ କରିଛନ୍ତି ବିରୋଧି ଦଳନେତା ରାହୁଲ ଗାନ୍ଧି । ଦଳାଚକଟାରେ ପ୍ରାଣ ହରାଇଥିବା ତିନି ଶ୍ରଦ୍ଧାଳୁଙ୍କ ଶୋକସନ୍ତପ୍ତ ପରିବାର ସମବେଦନା ଜଣାଇଛନ୍ତି । ଶୀଘ୍ର ଉଦ୍ଧାର କାର୍ଯ୍ୟ ସାରି ଆହାତଙ୍କୁ ଉତ୍ତମ ଚିକିତ୍ସା ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଅପିଲ୍ କରିଛନ୍ତି । ଏଥିରେ ସହଯୋଗ କରିବାକୁ କଂଗ୍ରେସ କର୍ମୀଙ୍କୁ କହିଛନ୍ତି । ମହାପ୍ରଭୁଙ୍କ ଘୋଷଯାତ୍ରା ବିଶ୍ୱ ପ୍ରସିଦ୍ଧ । ରଥଯାତ୍ରାରେ



ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଏତେ ବଡ଼ ଆୟୋଜନରେ ସୁରକ୍ଷା ବ୍ୟବସ୍ଥା ଏବଂ ଭିଡ଼ ନିୟନ୍ତ୍ରଣକୁ ସରକାର ଗମ୍ଭୀରତାର ସହ ନେଇ ସମୀକ୍ଷା କରିବା ଦରକାର । ସବୁ ପରେ ଜୀବନ ବଞ୍ଚାଇବା ସର୍ବୋପରି ଏବଂ ଏଥିରେ ଅବହେଳା ଗ୍ରହଣୀୟ ନୁହେଁ ବୋଲି ବିରୋଧି ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି । ମହାପ୍ରଭୁଙ୍କ ତିନି ରଥ ସାମ୍ନାରେ ବଡ଼ ଧରଣର ଅଘଟଣ ଘଟିଛି । ରବିବାର ଭୋର ୪ଟା ୫୦ରେ ଶରଧାବାଲିରେ ଠେଲାପେଲା ହୋଇଥିଲା । ଦଳାଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଅଭିଯୋଗ ହୋଇଥିବା ବେଳେ ସମସ୍ତ ମୃତକ ଖୋର୍ଦ୍ଧା ଜିଲ୍ଲାର ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣ ମହିଳା ପ୍ରଭାତୀ ଦାସ ଏବଂ ବାସନ୍ତୀ ସାହୁ ରଥ ସାମ୍ନାରେ ପ୍ରାଣ ହରାଇଛନ୍ତି । ଅନ୍ୟ ଜଣେ ୭୦ ବର୍ଷୀୟ ବୃଦ୍ଧ ପ୍ରେମାକାନ୍ତ ମହାନ୍ତିଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିବା ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପବିତ୍ର ମୋହନ ମଲ୍ଲିକ ସୂଚନା ଦେଇଛନ୍ତି ।

# ଛତିଶଗଡ଼ରେ ୧୩ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ଛତିଶଗଡ଼ ସୀମାନ୍ତ ବୀଜାପୁର ୧୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ଉପରେ ୨୩ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ବୀଜାପୁର ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ରବିବାର ପଶ୍ଚିମ ବସ୍ତର ମାଓ ଡିଭିଜନର ଏହି ୧୩ ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ଏସିଏମ କ୍ୟାଡର, ଡିଭିସିଏମ କ୍ୟାଡର ଏବଂ ମାଓ ସଦସ୍ୟ ଏବଂ ମିଲିସିଆ ସଦସ୍ୟ ରହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ୮ ମହିଳା ଓ ୫ ପୁରୁଷ ମାଓବାଦୀ। ସମସ୍ତ ଆତ୍ମସମର୍ପଣକାରୀଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅଞ୍ଚଳରେ ଦିନକୁ ଦିନ ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ବେଳେ ନିଜର ନୀତି ଆଦର୍ଶ ହରାଉଛି। ଏହା ସହ ଦିନକୁ ଦିନ ମାଓ ଦମନ ପାଇଁ ସୁରକ୍ଷା ବଳ ପକ୍ଷରୁ ଅପରେସନକୁ ବଢାଇ ଦିଆଯାଇଥିବାରୁ ଏମାନେ ମାଓ ସଙ୍ଗଠନରୁ ଓହରି ସାଧାରଣ ଜୀବନ ଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।

# ବ୍ରାହ୍ମଣିଆପଲ୍ଲୀରେ ଯୁବକଙ୍କୁ ପିଟି ପିଟି ହତ୍ୟା

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ହତ୍ୟା ବଢ଼ିବାରେ ଲାଗିଛି। କିଏ ପିଟି ପିଟି ହତ୍ୟା କରୁଛି ତ, କିଏ ପଥର ଛେଚି ହତ୍ୟା କରୁଛି ଏବଂ ଆଉ କିଏ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରୁଛି ଏହିଭଳି ଘଟଣା ନିତିଦିନିଆ ହେଇଗଲାଣି । ହେଲେ ଯା ଉପରେ ପୋଲିସ୍ କ'ଣ ପଦକ୍ଷେପ ନେଉଛି ତାହା ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରୁଛି । ସେହି ଭଳି ଶନିବାର ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ । ଛତ୍ରପୁର ଥାନା ଭିକାରୀ ପଲି ପଞ୍ଚାୟତର ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଜିନୁ ପାତ୍ରଙ୍କ ପୁଅ ଏ. ଲାଛେୟା ପାତ୍ରକୁ ହତ୍ୟା କରାଯାଇଛି। ସେହି ଗ୍ରାମର କିଛି ଦୁବୃତ୍ତ ମାନେ କୌଣସି ଏକ କାରଣକୁ ନେଇ ଲାଚେୟାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଦୁବୃର୍ତ୍ତ ମାନେ ଲାଛେୟାଙ୍କ ଛାତି ଏବଂ ପେଟକୁ ଲାତ ମାରିବା ଫଳରେ ସେ ଟଳି ପଡ଼ିଥିଲେ । ସେ ଟଳି ପଡ଼ିବା ପରେ ଦୁର୍ବୃତ ମାନେ ସେହି ଜାଗା ଛାଡି ଚମ୍ପଟ ମାରିଥିଲେ । ଗୁରୁତର ଅବସ୍ଥାରେ ପଡ଼ିଥିବା ସମୟରେ ଲାଚେୟର ବାପା ଆସି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡାକି ଛତ୍ରପୁର ମେଡିକାଲକୁ ନେଇଥିଲେ, ହେଲେ ରବିବାର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ଛତ୍ରପୁର ଆଇଆଇସି ଦେବାଶିଷ ମହାନ୍ତି ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଘଟଣା ସ୍ଥଳକୁ ଯାଇ ପୁଲିସ ତଦନ୍ତ ଆରମ୍ଭ କରିଛି । ବର୍ତ୍ତମାନ ସୁଦ୍ଧା ଏହି ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ । ଏନେଇ କେଶ୍ ନମ୍ବର ୩୧୯/୨୫ ରେ ମାମଲା ରୁଜୁ ହୋଇଛି, ପୋଲିସ ତଦନ୍ତ ଜାରି ରଖିଛି।

## ବର୍ଷା ନେଇ ମୟୂରଭଞ୍ଜରେ ରେଡ ଆଲର୍ଟ ଜାରି

# ଅଙ୍ଗନବାଡ଼ି ୩ଦିନ ଓ ସ୍କୁଲ ଏକ ଦିନ ବନ୍ଦ ରହିବ

**ବାରିପଦା, ନ୍ୟୁଜ ବ୍ୟୁରୋ**

ସୋମବାର ପାଇଁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ରେଡ ଆଲର୍ଟ ଜାରି କରାଯାଇଥିବାରୁ ତିନିଦିନ ପାଇଁ ଅଙ୍ଗନବାଡି ଓ ଦିନକ ପାଇଁ ସ୍କୁଲ ବନ୍ଦ ରହିବ। ଏନେଇ ରବିବାର ଜିଲ୍ଲାପାଳ ହେମକାନ୍ତ ସୟ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ର ସୋମବାର, ମଙ୍ଗଳବାର ଓ ବୁଧବାର ଯାଏ ବନ୍ଦ ରହିବାକୁ ରହିଥିବାବେଳେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ କେବଳ ସୋମବାର ପାଇଁ ବନ୍ଦ ରହିବ ବୋଲି ଜଣାପଡିଛି।

ଏନେଇ ଜିଲ୍ଲାପାଳ ହେମକାନ୍ତ ସୟ କହିଛନ୍ତି ଯେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶାଙ୍କା ରହିଥିବାରୁ ଆମେ ସ୍କୁଲକୁ ଦିନକ ପାଇଁ ଓ ଅଙ୍ଗନବାଡି କେନ୍ଦ୍ରକୁ ତିନି ଦିନ ପାଇଁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛୁ। ପାଗରେପରିବର୍ତ୍ତନ ଆସିବା ପରେ ଏହି ସ୍କୁଲ ଓ ଅଙ୍ଗନବାକଡି କେନ୍ଦ୍ର ଖୋଲାଯିବ ବୋଲି ସେ କହିଛନ୍ତି। ଲଘୁଚାପଜନିତ ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ନଦୀର ଜଳସ୍ତର ବଢିଥିବାବେଳେ ସମ୍ଭାବ୍ୟ ବନ୍ୟାସ୍ଥିତି ସମୀକ୍ଷା ପାଇଁ ରବିବାର ଅପରାହ୍ନରେ ବେତନଟୀ ବ୍ଲକ ଅଧୀନ ନାଖରା ପୋଲଠାରେ ବୁଢାବଳଙ୍ଗ ନଦୀର ଜଳସ୍ତର ଦେଖିବା ସହିତ ସ୍ଥିତି ସମୀକ୍ଷା କରିଛନ୍ତି ବିଧାୟକ ସନାତନ ବିଜୁଳି ଓ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ। ଲଘୁଚାପଜନିତ ଲଗାଣ ବର୍ଷାରେ ଜିଲ୍ଲାର ହାଲ ବେହାଲ ହୋଇପଡିଥିବା ବେଳେ ବିଭିନ୍ନ ନଦୀନାଳର ଜଳସ୍ତର ବଢ଼ିଥିବାର ଦେଖିବାକୁ ମିଳିଛି।

ଏପଟେ ଜିଲ୍ଲାର ବିଭିନ୍ନ ଛୋଟବଡ଼ ନଦୀନାଳ କେତେକ ସ୍ଥାନରେ ଉଛୁଳି ବନ୍ୟାସ୍ଥିତି ସୃଷ୍ଟି କରିଥିବାର ମଧ୍ୟ ଦେଖିବାକୁ ମିଳିଛିକ୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକାରୀମାନଙ୍କୁ ଆଲର୍ଟ ରହିବାକୁ କୁହାଯାଇଥିବା ବେଳେ ରବିବାର ବିଧାୟକ ସନାତନ ବିଜୁଳି ଏବଂ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ନାଖରାଠାରେ ବୁଢାବଳଙ୍ଗ ନଦୀର ଜଳସ୍ତର ସମୀକ୍ଷା କରିବା ସମୟରେ ବେତନଟୀ ଏବିଡ଼ିଓ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂଙ୍କ ସମେତ ବଡ଼ସାହି ତହସିଲଦାର କରୁଣାକର ଧୀନ୍ଦା ଓ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର
୩୦ ଜୁନ୍,
ସୋମବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ପୁରୀରେ ହଟିଲା ଟ୍ରାଫିକ କଟକଣା : ବସ୍‌ଷ୍ଟାଣ୍ଡକୁ ଗଲା ଯାତ୍ରୀବାହୀ ବସ୍



**ପୁରୀ,୨୯/୦୬ ନ୍ୟୁଜ ବ୍ୟୁରୋ**
ଶନିବାର ମଧ୍ୟାହ୍ନରେ ଶରଧାବାଲିରେ ତିନି ରଥ ପହଞ୍ଚିଲା ପରେ ହଟିଛି ଟ୍ରାଫିକ କଟକଣା। ଭୁବନେଶ୍ୱର ପଟୁ ଆସୁଥିବା ପାସ୍‌ଧାରୀ ଓ ବିନା ପାସ୍‌ଧାରୀ କାର୍ ସିଧାସଳଖ ହରେକୃଷ୍ଣପୁର ଛକରୁ ଅଠରନଳା ଦେଇ ଜେଲରୋଡ ପାର୍କିଂ, ମାର୍କେଟ ଛକ ପୌର ପାଳିକା ପାର୍କିଂରେ ରହିପାରିବ। ସେହିଭଳି ଶ୍ରୀସେତୁ ଦେଇ ଆସୁଥିବା ଯାନଗୁଡ଼ିକ ଜେବିପିସିରେ ପାର୍କିଂ କରିବେ। ସେଠାରୁ ସେମାନେ ବଡ଼ଦାଣ୍ଡକୁ ଆସି ଶରଧାବାଲି ଅଭିମୁଖେ ଯାଇ ପାରିବେ। ସେହିପରି ଦୁଇ ଚକିଆ ଯାନଗୁଡ଼ିକ ମଧ୍ୟ ଉପରୋକ୍ତ ସ୍ଥାନରେ ପାର୍କିଂ କରିବେ। ଠାକୁର ଆଡ଼ପମଣ୍ଡପକୁ ବିଜେ ପର୍ଯ୍ୟନ୍ତ ଟ୍ରାଫିକ କଟକଣା ବଳବତ୍ତର ରହିଥିଲା। ମାତ୍ର ଠାକୁର ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ପରେ କଟକଣା ପରିବର୍ତ୍ତନ ହୋଇଛି ବୋଲି କହିଛନ୍ତି ଟ୍ରାଫିକ ଡିଏସ୍‌ପି ରାଜକୁମାର ପରିଡ଼ା। ସେହିପରି ରବିବାର ସକାଳେ ପୁରୀ ପୌରପାଳିକା ବସ୍‌ଷ୍ଟାଣ୍ଡକୁ ଭୁବନେଶ୍ୱର, କଟକ, ବ୍ରହ୍ମଗିରି ଓ କୋଣାର୍କ ପଟୁ ଆସୁଥିବା ସମସ୍ତ ନିୟମିତ ଯାତ୍ରୀବାହୀ ବସ୍ ଚଳାଚଳ କରିଛି ବୋଲି ଜିଲ୍ଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି । ରଥଯାତ୍ରା ଲାଗି ବସ୍, କାର୍ ଓ ବାଇକ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା ।

## ଆଜିଠୁ ସୃଷ୍ଟି ହେବ ଲଘୁଚାପ

**ଭୁବନେଶ୍ୱର, ୨୯/୦୬ ନ୍ୟୁଜ ବ୍ୟୁରୋ**
ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଓ ଏହାକୁ ଲାଗି ରହିଥିବା ଗାଙ୍ଗେୟ ପଶ୍ଚିମବଙ୍ଗ ଉପରିସ୍ଥ ଘୂର୍ଣ୍ଣିବଳୟ ସେହି ସମାନ ଅଞ୍ଚଳରେ ରହିଛି। ଏହା ସମୁଦ୍ର ପତ୍ତନଠାରୁ ୭.୬ କିମି ଉଚ୍ଚତାରେ ରହିଥିବା ବେଳେ ଦକ୍ଷିଣ-ପଶ୍ଚିମ ଦିଗକୁ ଢଳି ରହିଛି। ଏହାର ପ୍ରଭାବରେ ସୋମବାର ସୁଦ୍ଧା ଉତ୍ତର ବଙ୍ଗୋପସାଗର ଏବଂ ଏହାକୁ ଲାଗି ରହିଥିବା ଉପକୂଳ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରେ ଏହା ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା, ଝାରଖଣ୍ଡ ଦେଇ ଧୀରେଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ଆସନ୍ତା ୩ ଦିନ ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

## ଶରଧାବାଲି ଅଘଟଣକୁ ନେଇ ଦୁଃଖ ପ୍ରକାଶ କଲେ ଗଜପତି ମହାରାଜ

# ବ୍ୟାପକ ତଦନ୍ତ ପାଇଁ ସରକାରଙ୍କୁ ନିବେଦନ



**ପୁରୀ, ୨୯/୦୬ ନ୍ୟୁଜ ବ୍ୟୁରୋ**
ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ରବିବାରରେ ଦଳାଚକଟାରେ ତିନି ଜଣଙ୍କ ମୃତ୍ୟୁ ଏବଂ ଅନେକ ଭକ୍ତ ଆହତ ହୋଇଥିବା ଖବର ଶୁଣି ଗଜପତି ମହାରାଜା ମର୍ମାହତ ଏବଂ ଗଭୀର ଦୁଃଖିତ।
ଶ୍ରୀଗଜପତି ମହାରାଜା ସ୍ୱର୍ଗତ ଆତ୍ମାଙ୍କ ସଦଗତି ନିମନ୍ତେ ମହାପ୍ରଭୁଙ୍କ ଶ୍ରୀଚରଣରେ ନିବେଦନ କରିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରର ସଦସ୍ୟମାନଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଗଜପତି ମହାରାଜା ଏହି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣାର ତୁରନ୍ତ ବ୍ୟାପକ ତଦନ୍ତ କରିବା ଏବଂ ଏପରି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୯/୦୬**
ଆସନ୍ତା ଜୁଲାଇ ୬-୭ରେ ବ୍ରାଜିଲର ରିଓ ଡି ଜେନେରିଓ ଠାରେ ହେବାକୁ ଥିବା ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ। ତେବେ ଏହି ବୈଠକରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗଦେବେ ନାହିଁ ବୋଲି ସୂଚନା ମିଳିଛି । ସେମାନଙ୍କ ସ୍ଥାନରେ ଚୀନ୍ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଓ ରୁଷ ବିଦେଶ ମନ୍ତ୍ରୀ ସର୍ଗେ ଲାଭରୋଭ ଏହି ବୈଠକରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ଜୁଲାଇ ୨ରୁ ୫ ରାଷ୍ଟ୍ର ଗସ୍ତରେ ଯିବେ। ପ୍ରଥମେ ସେ ଜୁଲାଇ ୨-୩ରେ ଘାନା ଗସ୍ତରେ ରହିବେ । ଦୀର୍ଘ ୩୦ ବର୍ଷ ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେବ ପ୍ରଥମ ଘାନା ଗସ୍ତ । ଏହା ପରେ ଜୁଲାଇ ୩-୪ରେ ତ୍ରିନିଦାଦ ଓ ଟବାଗୋ ଗସ୍ତ କରିବେ । ୧୯୯୯ ପରେ ଏହା ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ଗସ୍ତର ତୃତୀୟ ପର୍ଯ୍ୟାୟରେ ଜୁଲାଇ ୪-୫ରେ ଶ୍ରୀ ମୋଦୀ ଆର୍ଜେଣ୍ଟିନା ଯିବେ। ସେଠାକାର ରାଷ୍ଟ୍ରପତି ଜାଭିଏର ମିଲେଇଙ୍କ ସହ ସେ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହା ପରେ ଶ୍ରୀ ମୋଦୀ ୫-୮ ତାରିଖ ପର୍ଯ୍ୟନ୍ତ ବ୍ରାଜିଲ ଗସ୍ତରେ ଯିବେ । ସେଠାରେ ବ୍ରିକ୍ସ ସମ୍ମିଳନୀରେ ସାମିଲ ହେବେ । ଏହା ହେବ ଶ୍ରୀ ମୋଦୀଙ୍କ ଚତୁର୍ଥ ବ୍ରାଜିଲ ଗସ୍ତ। ବ୍ରିକ୍ସ ସମ୍ମିଳନୀରେ ସେ ବୈଶ୍ୱିକ ଶାସନରେ ସଂସ୍କାର, ଶାନ୍ତି ଓ ନିରାପତ୍ତା, ବହୁପକ୍ଷବାଦର ସୁଦୃଢ଼ୀକରଣ, ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ, ସ୍ୱାସ୍ଥ୍ୟ ଓ ଆର୍ଥିକ ସହଯୋଗ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ରଖିବେ । ଜୁଲାଇ ୯ରେ ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ନାମ୍ବିଆ ଯିବେ ।

# ରାଜ୍ୟର ଶିଶୁବାଟିକାରେ ନିଯୁକ୍ତ ହେବେ 'ଶିଶୁ ସେବିକା'

**ଭୁବନେଶ୍ୱର,୨୯/୦୬ ନ୍ୟୁଜ ବ୍ୟୁରୋ**
ରାଜ୍ୟର ଶିଶୁବାଟିକା ଗୁଡ଼ିକରେ 'ଶିଶୁ ସେବିକା' ନିଯୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଶିଶୁ ସେବିକାମାନେ ଶିଶୁବାଟିକାର ଛୋଟ ପିଲାମାନଙ୍କୁ ସହାୟତା ଯୋଗାଇଦେବା ସହିତ ଶିକ୍ଷକମାନଙ୍କ ଉପରେ ରହୁଥିବା ଅଣଶିକ୍ଷା କାର୍ଯ୍ୟର ବୋଝ ହାଲ୍‌କା କରିବାରେ ସହାୟକ ହେବେ। ତେଣୁ ଶିକ୍ଷକମାନେ କେବଳ ଶିକ୍ଷା ଉପରେ ଦୃଷ୍ଟି କେନ୍ଦ୍ରୀତ କରିପାରିବେ। ଏହାଦ୍ୱାରା ପ୍ରାକ୍-ପ୍ରାଥମିକ ଶ୍ରେଣୀରେ ପିଲାଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ରାଜ୍ୟର ୪୫ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ଠାରୁ ଶିଶୁବାଟିକା ଖୋଲାଯାଇଛି । ଏଥିରେ ୫ରୁ ୬ ବର୍ଷ ବୟସର ପିଲାମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଛି। ଶିଶୁବାଟିକାରେ ପିଲାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଶିଶୁ ସେବିକା ନିଯୁକ୍ତି ନିଷ୍ପତ୍ତି ନିଆଯିବ। ଛୋଟ ପିଲାମାନଙ୍କୁ ଶ୍ରେଣୀଗୃହରେ ପରିଚାଳନା କରିବା, ସେମାନଙ୍କ ଯତ୍ନ ନେବା ଗୁରୁଙ୍କ ଦାୟିତ୍ୱ । ଶିକ୍ଷକମାନଙ୍କ ଉପରେ ଏହି ଦାୟିତ୍ୱ ରହିଲେ ଶିକ୍ଷା କାର୍ଯ୍ୟ ବ୍ୟାହତ ହେବ । ସାରା ରାଜ୍ୟରେ ବିଭିନ୍ନ ଶିଶୁ ବାଟିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବା ପାଇଁ ଶିଶୁବାଟିକା ମାନଙ୍କରେ ଶିଶୁ ସେବିକାମାନଙ୍କର ଆବଶ୍ୟକତା ରହିଛି । ନିଷ୍ପତ୍ତି ଅନୁଯାୟୀ, ସରକାରୀ ବିଦ୍ୟାଳୟରେ ନିଯୁକ୍ତ ପାଚିକାମାନଙ୍କୁ ଯେଉଁ ହାରରେ ଦରମା ଦିଆଯାଉଛି, ଶିଶୁ ସେବିକାମାନଙ୍କୁ ସେହି ହାରରେ ଦରମା ଦିଆଯିବ। ସମଗ୍ର ଶିକ୍ଷାର ବଜେଟରୁ ଏହି ଅର୍ଥ ପ୍ରଦାନ କରାଯିବ। ପିଲାମାନେ ଯେପରି ଇଆଡ଼େ ସେଆଡେ ବୁଲିବେ ନାହିଁ, ଶ୍ରେଣୀଗୃହ ଭିତରେ ସୁରକ୍ଷିତ ଭାବେ ରହିବେ, ତା'ଉପରେ ନଜର ରଖିବେ। ପିଲାଙ୍କ ହାତଧୁଆ, ଖାଇବା, ଶୌଚାଳୟ ଯିବା ଏବଂ ଶ୍ରେଣୀଗୃହରେ ବସିବା ଆଦି କାର୍ଯ୍ୟରେ ସହାୟତା କରିବା ପିଲା କାନ୍ଦିଲେ କିମ୍ବା ଅଝଟ ହେଲେ ସେମାନଙ୍କୁ ବୁଝେଇ ସୁଝେଇ ଶାନ୍ତ କରିବା ଶିଶୁ ସେବିକାମାନଙ୍କ ଦାୟିତ୍ୱ । କେବଳ ସେତିକି ନୁହେଁ, ପିଲାଙ୍କୁ ବହି, ଖେଳନା ଆଦି ବିଭିନ୍ନ ଶିକ୍ଷା ସହାୟକ ଜିନିଷ ଯୋଗାଇ ଦେବା ପିଲା ଯଦି ବାହାରକୁ ଯିବେ କିମ୍ବା ଶୌଚାଳୟ ଯିବେ, ତେବେ ସେବିକାମାନେ ପିଲାଙ୍କ ସହିତ ରହି ସେମାନଙ୍କୁ ସାହାଯ୍ୟ କରିବେ । ପିଲା ଯଦି କୌଣସି କାରଣରୁ ଅସୁସ୍ଥ ଥିବ, ମନଦୁଃଖରେ ଥିବ କିମ୍ବା ଅବୁଝା ହେଉଥିବ ତେବେ ସେ ବିଷୟରେ ଶିକ୍ଷକଙ୍କୁ ଜଣାଇବେ। ପ୍ରତ୍ୟେକ ପିଲାଙ୍କ ଦିନ କେମିତି କଟିଲା ସେ ସମ୍ପର୍କରେ ଗୋଟିଏ ଛୋଟ ନୋଟ୍ ପ୍ରସ୍ତୁତ କରିବେ। କୌଣସି ପରିସ୍ଥିତିରେ ଶିଶୁ ସେବିକାମାନେ ପିଲାଙ୍କ ପାଠପଢ଼ା ଦାୟିତ୍ୱ ନେବେ ନାହିଁ, ପିଲାମାନଙ୍କୁ ଗାଳି କିମ୍ବା ଦଣ୍ଡ ଦେଇ ପାରିବେ ନାହିଁ । ପିଲା ଅସୁସ୍ଥ ଥିଲେ ଶିକ୍ଷକଙ୍କୁ ଜଣାଇବେ, କିନ୍ତୁ ଔଷଧ ଦେବା ବା କୌଣସି ଚିକିତ୍ସା କରିପାରିବେ ନାହିଁ ।

# ବିଜେପି ମୁଖ୍ୟାଳୟରେ ରହି ସାଙ୍ଗଠନିକ କାର୍ଯ୍ୟ ସହ ନେତାଙ୍କ ଆପତ୍ତି ଶୁଣିବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ



**ନୂଆଦିଲ୍ଲୀ,୨୯/୦୬**
ଦଳୀୟ ସଙ୍ଗଠନ ଓ ସରକାର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା ଉଦ୍ଦେଶ୍ୟରେ ବିଜେପି ମୁଖ୍ୟାଳୟରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରମନ୍ତ୍ରୀମାନେ ଅବସ୍ଥାନ କରିବେ । ସପ୍ତାହରେ ୬ ଦିନ ସୋମବାରରୁ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସେମାନେ ଉପଲବ୍ଧ ରହିବେ। ସେମାନେ ଦଳୀୟ ନେତା ଓ କର୍ମୀଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ତା'ର ସମାଧାନ କରିବେ । କେଉଁ ମନ୍ତ୍ରୀମାନେ କେଉଁ ଦିନ ମୁଖ୍ୟାଳୟରେ ଅବସ୍ଥାନ କରିବେ ସେଥିପାଇଁ ରୋଷ୍ଟର ପ୍ରସ୍ତୁତ କରାଯିବ। ସେହି ରୋଷ୍ଟର ଅନୁସାରେ ସେମାନେ କାର୍ଯ୍ୟ କରିବେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ରାଜ୍ୟରୁ ଦଳୀୟ ନେତା ଓ କର୍ମୀମାନେ ଦିଲ୍ଲୀ ଆସିବା ସହ ମୁଖ୍ୟାଳୟରେ ମନ୍ତ୍ରୀମାନଙ୍କୁ ଭେଟିବାକୁ ଚାହିଁଥାନ୍ତି । ସେମାନେ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଓ ଦଳୀୟ ସଙ୍ଗଠନ ସମ୍ପର୍କରେ କଥା ହେବାକୁ ଆଶା କରିଥାନ୍ତି । କିନ୍ତୁ ଅନେକ ସମୟରେ ମନ୍ତ୍ରୀମାନଙ୍କୁ ନ ପାଇ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଭଳି ନୂତନ ବ୍ୟବସ୍ଥା କରାଯାଇଛି । ସରକାରଙ୍କ ନିଷ୍ପତ୍ତି ଫଳରେ ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ। ପ୍ରଥମତଃ ଦଳୀୟ ନେତା ଓ କର୍ମୀମାନଙ୍କ ଆପତ୍ତି ଅଭିଯୋଗର ସମାଧାନ ହେବ। ଦ୍ୱିତୀୟତଃ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ରାଜ୍ୟ ପାଇଁ ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ସେମାନେ ଅବଗତ ହେବେ । ଯାହାଫଳରେ ସେମାନେ ଏହି ଯୋଜନା ସମ୍ପର୍କରେ ନିଜ ନିର୍ବାଚନମଣ୍ଡଳୀରେ ଲୋକଙ୍କୁ ଅବଗତ କରିବେ। ଆସନ୍ତା ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ଏବଂ ଆସନ୍ତାବର୍ଷ ଅର୍ଥାତ ୨୦୨୬ରେ ହେବାକୁ ଥିବା କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି କରାଯାଇଛି । ରୋଷ୍ଟର ଅନୁସାରେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ବିଜେପି ମୁଖ୍ୟାଳୟରେ ରହିଥିଲେ । ଜୁନ୍ ୩୦ ତାରିଖରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ, ଜୁଲାଇ ୧ରେ ସଡକ ପରିବହନ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା, ଜୁଲାଇ ୨ରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଉଇକେ, ଜୁଲାଇ ୩ରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁରୁଗାନ ଏବଂ ଜୁଲାଇ ୪ରେ ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷ୍ଣପାଲ ଗୁର୍ଜର ବିଜେପି ମୁଖ୍ୟାଳୟରେ ରହି ଦଳୀୟ ନେତା ଓ କର୍ମୀଙ୍କ ଅଭିଯୋଗ ଶୁଣିବେ ବୋଲି ସୂଚନା ମିଳିଛି।

# ନାବାଳିକା ଦୁଷ୍କର୍ମକାରୀର ଖୋଲୁଛି କଳା କାରନାମା

## 'କୌଶଳ ଭାରତ କୁଶଳ ଭାରତ' ହୋର୍ଡ଼ିଂ ଲଗାଇ ଚାଲିଥିଲା ଯୌନ ବ୍ୟଭିଚାର

**ବ୍ରହ୍ମପୁର, ୨୯/୦୬ ନ୍ୟୁଜ ବ୍ୟୁରୋ**
ମାଗଣାରେ ରହିଥିବା ସହିତ ବିଏସ୍‌ସି ନର୍ସିଂ ଡ଼ିଗ୍ରୀ କରାଇଦେବାର ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ଭାରତୀୟ ମଜଦୂର ସଂଘର ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ ଶଙ୍କର ଦାସଙ୍କ କଳା କାରନାମାର ପେଡ଼ି ଖୋଲିବାରେ ଲାଗିଛି । ନିଜକୁ ଜଣେ ଡ଼ାକ୍ତର ଦର୍ଶାଇ ବାଜପେୟୀ ଆରୋଗ୍ୟଧାମ୍ ନାମରେ ଏକ ନର୍ସିଂ ହୋମ୍ ଚଳାଇ ଆସୁଥିଲା ଭବାନୀ। ତେବେ ଭବାନୀ ଜଣେ ନକଲି ଡ଼ାକ୍ତର ବୋଲି ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ । ଦୀର୍ଘ ବର୍ଷ ଧରି ଯଦିଓ ଭବାନୀ ଓ ତାଙ୍କ ଦ୍ୱାରା ପରିଚାଳିତ କ୍ଲିନିକ୍ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ୍ୟ ଚଡ଼ଉ କରିବାକୁ କେହି ସାହାସ କରୁନଥିଲେ । ସେପଟେ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗର ଉପଦେଷ୍ଟା କମିଟିର ଜଣେ ସଦସ୍ୟ ସହିତ ଭାରତୀୟ ମଜଦୂର ସଂଘର ଗଞ୍ଜାମ ଜିଲ୍ଲା ସଭାପତି ଦାୟିତ୍ୱରେ ସେ ରହିଛନ୍ତି। ଏସବୁର ଫାଇଦା ନେଇ ଭବାନୀ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ପୂର୍ବରୁ ଅଭିଯୋଗ ହେଉଥିଲା। ତେବେ ବର୍ତ୍ତମାନ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଭଳି ଘଟଣାରେ ଭବାନୀ ଗିରଫ ହେବା ପରେ ସବୁସ୍ତରରୁ ତଥା ସବୁ ଦିଗରୁ ପୋଲିସର ତଦନ୍ତ ଚାଲିଛି । ଭବାନୀଙ୍କ ଦ୍ୱାରା ପରିଚାଳିତ ବାଜପେୟୀ ଆରୋଗ୍ୟଧାମ୍ ଯାହାକୁ ଘଟଣା ଦିନ ପୋଲିସ ସିଲ୍ କରିଛି ତାହା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପଞ୍ଜିକୃତ ନଥିବା ଜଣାପଡ଼ିଛି। ସେହିଭଳି ଉକ୍ତ ଆପାର୍ଟମେଣ୍ଟରେ ଭବାନୀଙ୍କ ଦ୍ୱାରା ଚାଲିଥିବା ବାଜପେୟୀ ସ୍କିଲ୍ ଡେଭଲପମେଣ୍ଟ କଲେଜ ଯାହା କେନ୍ଦ୍ର ସରକାରଙ୍କୁ କୌଶଳ ଭାରତ କୁଶଳ ଭାରତ ଅଧିନସ୍ଥ ତଥା ମେଧାବୀ ସ୍କିଲ ୟୁନିଭରସିଟିର ଟ୍ରେନିଂ ପାର୍ଟନର ବୋଲି ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଏହି ଶିକ୍ଷାନୁଷ୍ଠାନ ପ୍ରକୃତରେ ପଞ୍ଜିକୃତ କି ନାହିଁ ? କାହା ଦ୍ୱାରା ଅନୁବନ୍ଧିତ କି ନୁହେଁ ? ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ବୈଦ୍ୟନାଥପୁର ଥାନା ଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ଏକ ଆପାର୍ଟମେଣ୍ଟରେ ଏଭଳି ସଂସ୍ଥା ଖୋଲି ନକଲି ଡ଼ାକ୍ତର ଭବାନୀ ଦୀର୍ଘ ବର୍ଷ ଧରି କଳା କାରନାମା ଚଳାଇ ଆସୁଥିବା ବେଳେ କାହା ନଜରରେ ନ ପଡ଼ିବା ସମସ୍ତଙ୍କୁ ଚକିତ କରିଛି ।

# ରାଜଧାନୀରେ କାୟା ବିସ୍ତାର କରୁଛି ଡେଙ୍ଗୁ

**ଭୁବନେଶ୍ୱର,୨୯/୦୬ ନ୍ୟୁଜ ବ୍ୟୁରୋ**
ଲଘୁଚାପ ବର୍ଷା ଜାରି ରହିଛି। ରାଜଧାନୀରେ ଡେଙ୍ଗୁ ରୋଗୀ ସଂଖ୍ୟା ୧୦୦ ଟପିଲାଣି। ଏହି ସଂଖ୍ୟା ଦିନକୁ ଦିନ ବଢି ଚାଲିଥିବା କେବଳ ଜୁନ୍ ମାସରେ ବହୁସଂଖ୍ୟକ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ଷା ଆରମ୍ଭରୁ ସଂଖ୍ୟା ବଢ଼ିଲାଣି। ଆଗକୁ ପରିସ୍ଥିତି ଅସମ୍ଭାଳ ହେବା ଆଶଙ୍କା ଦେଖାଦେଇଛି । ଏପ୍ରିଲ ମାସରେ ମାତ୍ର ୬ ଜଣ ରୋଗୀ ଚିହ୍ନଟ ହୋଇଥିଲେ । ମେ' ମାସରେ ଡେଙ୍ଗୁ ସଂଖ୍ୟା ୧୪ ଥିବା ବେଳେ ଜୁନ୍ ମାସ ଶେଷ ସୁଦ୍ଧା ମୋଟ ୫୦ରୁ ଅଧିକ ରୋଗୀ ଚିହ୍ନଟ ହେଲେଣି । ସାଲିଆ ସାହିରୁ ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ଶିଖରଚଣ୍ଡି ନଗରରୁ ୫, ୟୁନିଟ-୩ ଏବଂ ସହିଦନଗରରୁ ୪ ରୋଗୀ ଚିହ୍ନଟ ହୋଇଛନ୍ତି । ପ୍ରତି ମାସରେ ସଂଖ୍ୟା ବଢିଚାଲିଛି । ଜୁଲାଇ ଏବଂ ଅଗଷ୍ଟ ମାସରେ ବର୍ଷାର ପରିମାଣ ବଢ଼ିବ । ହେଲେ ବିଏମ୍‌ସି ପକ୍ଷରୁ ଆଖିଦୃଶିଆ କୌଣସି ପଦକ୍ଷେପ ନିଆଯାଉନି । ବିଭିନ୍ନ ସ୍ଥାନରେ ଟାୟାର, ପାଣିକୁଣ୍ଡ, ଥର୍ମୋକୁଲ ଗଦା ହୋଇରହିଛି । ଏହି ସବୁରେ ପାଣି ରହି ମଶା ଲାର୍ଭା ସୃଷ୍ଟି ହେଉଛି। ସବୁଠୁ ଅଧିକ ସରକାରୀ କ୍ୱାର୍ଟର୍ସରେ ମଶା ବଂଶ ବୃଦ୍ଧି ପାଉଛି । କ୍ୱାର୍ଟର୍ସ ପଛପଟେ ପୁଳାପୁଳା ଅବଢ଼ା ହାଣ୍ଡି ପଡ଼ିରହିଛି । ଏହି ସବୁ ମଶା ଉତ୍ସ ଯୋଗୁଁ ସ୍ଥିତି ଆଗକୁ ଜଟିଳ ହେବାକୁ ଯାଉଛି। ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଭଲ ଭାବରେ ସଫେଇ କରାଯାଉନି ।

# ସ୍ୱାମୀ ଆଖିରେ ଲଙ୍କାଗୁଣ୍ଡ ପକାଇ ତଣ୍ଟିରେ ଛିଡା ହେଲା ପତ୍ନୀ




**ବେଙ୍ଗାଲୁରୁ,୨୯/୦୬**
କର୍ଣ୍ଣାଟକରୁ ବିଶ୍ୱାସଘାତ ଓ ହତ୍ୟାର ଏକ ଭୟଙ୍କର ମାମଲା ସାମ୍ନାକୁ ଆସିଛି । ରାକ୍ଷସୀ ପାଲଟିଗଲା ପତ୍ନୀ । ପ୍ରଥମେ ସ୍ୱାମୀ ଆଖିକୁ ଲଙ୍କା ଗୁଣ୍ଡ ପକାଇଲା। ଜୀବନ ବିକଳରେ ସ୍ୱାମୀ ଛଟପଟ ହେଉଥିଲା ବେଳେ ତଣ୍ଟି ଉପରେ ଛିଡ଼ା ହୋଇ ଯାଇଥିଲା ପତ୍ନୀ। ଜଣେ ପତ୍ନୀ ତାଙ୍କ ପ୍ରେମିକ ସହିତ ମିଶି ସ୍ୱାମୀକୁ ହତ୍ୟା କରିଛି। କର୍ଣ୍ଣାଟକର ତୁମକୁର ଜିଲ୍ଲାର କଡାଶୋଟିହଲ୍ଲି ଗାଁରେ ଏହି ଘଟଣା ଘଟିଛି । ସୁମଙ୍ଗଳା ନାମକ ଜଣେ ମହିଳା ତା'ର ପ୍ରେମୀକ ସହିତ ମିଶି ସ୍ୱାମୀଙ୍କୁ ହତ୍ୟା କରିଛି। ପ୍ରଥମେ ସ୍ୱାମୀଙ୍କ ଆଖିକୁ ଲଙ୍କାଗୁଣ୍ଡ ପକାଇଥିଲା। ଏହାପରେ ତାଙ୍କ ତଣ୍ଟି ଉପରେ ଛିଡା ହୋଇଥିଲା। ଅପରାଧକୁ ଲୁଚାଇବା ପାଇଁ ସ୍ୱାମୀଙ୍କ ମୃତଦେହକୁ ୩୦ କିଲୋମିଟର ଦୂରରେ ଫିଙ୍ଗିଦେଇଥିଲା। ପୋଲିସର ସୂଚନା ଅନୁସାରେ, ୫୦ ବର୍ଷୀୟ ମୃତକ ଶଙ୍କରମୂର୍ତ୍ତି ଏକ ଫାର୍ମହାଉସରେ ଏକୁଟିଆ ରହୁଥିଲେ । ତାଙ୍କ ପତ୍ନୀ ସୁମଙ୍ଗଳା ଏକ ହଷ୍ଟେଲରେ ରୋଷେଇ କାମ କରୁଥିଲା । ତା'ର କରଦାଲୁସାତେ ଗାଁର ନାଗରାଜୁଙ୍କ ସହ ଅବୈଧ ସମ୍ପର୍କ ଥିଲା। ଏହାପରେ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ହତ୍ୟା ଷଡ଼ଯନ୍ତ୍ର ରଚିଥିଲା ସୁମଙ୍ଗଳା । ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଛି । ପ୍ରଥମେ ସ୍ୱାମୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇଥିଲା । ଏହାପରେ ତାଙ୍କୁ ଠେଙ୍ଗାରେ ପିଟିଥିଲା । ସେତିକିରେ ମନ ଶାନ୍ତି ହୋଇନଥିଲା ସ୍ୱାମୀ ତଣ୍ଟିରେ ଛିଡା ହୋଇଥିଲା ପତ୍ନୀ । ନାଁନାବିକେରେ ଥାନାରେ ଶଙ୍କରମୂର୍ତ୍ତିଙ୍କ ନିଖୋଜ ଅଭିଯୋଗ ଦାଖଲ କରାଯାଇଥିଲା। ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା। ଶଙ୍କରମୂର୍ତ୍ତିଙ୍କ ବିଛଣାରେ ଲଙ୍କା ଗୁଣ୍ଡ ପଡିଥିଲା । ଯାହା ସନ୍ଦେହ ସୃଷ୍ଟି କରିଥିଲା। ସୁମଙ୍ଗଳାକୁ ପଚରାଉଚରା କରାଯାଇଥିଲା ଏବଂ ତା'ର ମୋବାଇଲ କଲ୍ ଡିଟେଲ୍ ରେକର୍ଡ ଜବତ କରାଯାଇଥିଲା। ଏହା ପୁଲିସକୁ ହତ୍ୟା ଷଡ଼ଯନ୍ତ୍ର ପର୍ଦ୍ଦାଫାସ୍ କରିବାରେ ସହାୟକ ହୋଇଥିଲା। ଶେଷରେ, ସୁମଙ୍ଗଳା ଅପରାଧ ସ୍ୱୀକାର କରିଥିଲା । ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଧିକ ତଦନ୍ତ ଚାଲିଛି।


## ପ୍ରକାଶ ପାଇବାକୁ ଯାଉଛି...

## 'କଥାକଳିକା'ର ଜୁଲାଇ-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ଜେନା।
**ସମକାଳର କଥା :** ଅମରେଶ ବିଶ୍ୱାଳ, ଆଭାସ କୁମାର ବରାଳ, ସୌରୀନ୍ଦ୍ରି ସାହୁ, ରୁମଝୁମ ନାୟକ, ଜାକିର ଖାନ୍।
**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ପଟ୍ଟନାୟକ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରାଜେଶ ପୁଜାରୀ, କାଳନ୍ଦୀ ଭଞ୍ଜ, ସସ୍ମିତା ମହାପାତ୍ର, ସନ୍ତୋଷ ମିଶ୍ର, ମୋନିକା ସରକାର, ପ୍ରଭାତୀ ଜେନା, ନମିତା ଦାଶ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଲଜିଷ୍ଟିକ୍ସ କ୍ଷେତ୍ରକୁ ମିଳିବ ବଳ: ରାଜ୍ୟରେ ହେବ ୮ ମଲ୍ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ



**ଭୁବନେଶ୍ୱର,୨୯/୦୬ ନ୍ୟୁଜ ବ୍ୟୁରୋ**
ଏବେ ଉଭୟ ଅନ୍ତଃରାଜ୍ୟ ଏବଂ ଆନ୍ତଃ ରାଜ୍ୟ ପରିବହନରେ ଓଡ଼ିଶାର ଅଂଶ ୧୦% । ୨୦୪୭ ବେଳକୁ ଏହାକୁ ୫୦%କୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି । ମାଲ୍ ପରିବହନକୁ ତ୍ୱରାନ୍ୱିତ କରିବାକୁ ବିକଶିତ ହେବ ୮ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ । ଭିଜନ ଡକ୍ୟୁମେଣ୍ଟ ୨୦୩୬ ଏବଂ ୨୦୪୭ରେ ଏଭଳି ମହତ୍ୱାକାଂକ୍ଷୀ ଯୋଜନା ରଖାଯାଇଛି। ଆନୁଷଙ୍ଗିକ ଶିଳ୍ପ ଭିତ୍ତିଭୂମିକୁ ମଧ୍ୟ ଏହା ସହ ତାଳଦେଇ ଉନ୍ନତୀକରଣ କରାଯିବ। ରାଜ୍ୟର ୨୦ ସ୍ଥାନରେ ହେବ ଟ୍ରକ୍ ଟର୍ମିନାଲ। ଏବେ ରାଜ୍ୟରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କର ସୁବିଧା ନ ଥିବାରୁ ଏହା ଖଣି, କୃଷି ଏବଂ ଇ-କମର୍ସ ଶିଳ୍ପକୁ କ୍ଷତିଗ୍ରସ୍ତ କରୁଛି। ଇ-କମର୍ସ କ୍ଷେତ୍ର ବେଶ୍ ବ୍ୟାପକ ହୋଇଛି । ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କର ବିକାଶ ଦ୍ୱାରା ରାଜ୍ୟ ଏହାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିପାରିବ । ପିଏମ୍ ଗତି ଶକ୍ତିରେ ମଲ୍ଟି ମୋଡାଲ କନେକ୍ଟିଭିଟି ନ୍ୟାସ୍‌ନାଲ ମାଷ୍ଟରପ୍ଲାନ ଆଧାରରେ ରାଜ୍ୟ କାର୍ଯ୍ୟ କରିବ ।
ଓଡ଼ିଶା ଇକୋନୋମିକ କରିଡର ଯୋଜନାରେ ବନ୍ଦରଭିତ୍ତିକ ଏବଂ ବିନିର୍ମାଣ କ୍ଷେତ୍ର ଅଭିବୃଦ୍ଧି କରାଯିବ। ଦକ୍ଷ ଲଜିଷ୍ଟିକ୍ସ ଏବଂ ନିରନ୍ତର ପରିବହନ ଯୋଗାଯୋଗ ବ୍ୟବସ୍ଥା ଲାଗି ସଡ଼କ, ରେଳ, ବିମାନ ବନ୍ଦର ଏବଂ ବନ୍ଦର ଗୁଡ଼ିକ ସମନ୍ୱିତ କରିବା ଉପରେ ଫୋକସ କରାଯିବ। ଏହାକୁ ନଜରରେ ରଖି ଷ୍ଟକୟାର୍ଡ, ୱେୟାରହାଉସ୍, କୋଲ୍ଡ ଷ୍ଟୋରେଜ ଏବଂ ୟୁଟିଲିଟି କରିଡର ବିକଶିତ ହେବ । ପୂର୍ବରୁ ଏଭଳି ବ୍ୟବସ୍ଥା ଗୋପାଳପୁରରେ ହୋଇଛି ।
୫୭୫ କିମି ଉପକୂଳ ଥିବାରୁ ଓଡ଼ିଶାକୁ ପୂର୍ବ ଏସିଆର ପ୍ରମୁଖ କାର୍ଗୋ ସିପମେଣ୍ଟ ହବ୍, ୩୪୬ କିମିର ଉପକୂଳ ରାଜପଥ କାମ ତ୍ୱରାନ୍ୱିତ କରିବା, ସ୍ଲରି ପାଇପ୍‌ଲାଇନ ନେଟୱର୍କ ବିକାଶକୁ ଧ୍ୟାନରେ ରଖାଯିବ । ୨୦୩୬ ସୁଦ୍ଧା ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ୫୦%କୁ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ମଲ୍ଟି ମୋଡାଲ ଟ୍ରାନ୍ସପୋର୍ଟ ଷ୍ଟ୍ରାଟେଜିକୁ ଡିଜାଇନ ଏବଂ ନୂଆକୌଶଳ ଲାଗି ଗଠନ ହେବ ଉଚ୍ଚ-କ୍ଷମତା ସମ୍ପନ୍ନ ଗ୍ରୁପ । ରାଜ୍ୟ ଭିତରେ ଏବଂ ଆନ୍ତଃରାଜ୍ୟ ସାମଗ୍ରୀ ଓ ଲୋକଙ୍କ ଯାତାୟତ ଧାରା ଜାଣିବା ଲାଗି ଏକ ଓରିଜିନ ଡେଷ୍ଟିନେସନ୍ ଷ୍ଟଡି କରିବେ ରାଜ୍ୟ ସରକାର । ଏହି ଧାରାକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ ସରକାର ୨୦୩୦ ସୁଦ୍ଧା ୭୫ ହଜାର କିମିର ସଡ଼କ ନେଟୱର୍କ ବିଛାଇବେ। ଏହା ମଧ୍ୟରେ ଗ୍ରାମାଞ୍ଚଳରେ ୩୦ ହଜାର କିମିର ସଡ଼କ କାର୍ଯ୍ୟକୁ ଶେଷ କରାଯିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ୩ରେ ହାତକୁ ନିଆଯାଇଥିବା ସବୁ ସଡ଼କ ପ୍ରକଳ୍ପର କାର୍ଯ୍ୟକୁ ଆଗାମୀ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ଏହା ଦ୍ୱାରା ଅନ୍ତତଃ ପକ୍ଷେ ୧୫ ହଜାର କିମି ସଡ଼କ ପଥର ବିକାଶ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି । ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ୧୧.୩କୁ ସଡ଼କପଥ ବିକାଶ କରିବାକୁ ଅଗ୍ରସର ହୋଇଛନ୍ତି ରାଜ୍ୟ ସରକାର । ଆର୍ଥିକ ବର୍ଷ ୨୦୨୫-୨୬ ବଜେଟରେ ସରକାର ସଡ଼କ, ବ୍ରିଜ ଏବଂ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ ଲାଗି ୧୫, ୮୬୫ କୋଟିର ବ୍ୟୟ ବରାଦ କରିଛନ୍ତି । ୨୦୨୬-୨୭ ସୁଦ୍ଧା ପ୍ରତି ଗ୍ରାମ ପଞ୍ଚାୟତକୁ ସମନ୍ୱିତ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ବସ୍ ସେବା ସ୍କିମ୍ ଦ୍ୱାରା ୩ ହଜାର କୋଟି ଟଙ୍କାର ନିବେଶକୁ ମିଳିଛି ମଞ୍ଜୁରି । ପବ୍ଲିକ ଟ୍ରାନ୍ସପୋର୍ଟ ଭିତ୍ତିଭୂମି ଦୃଢ଼ୀକରଣ ଲାଗି ଅଟଳ ବସ୍‌ଷ୍ଟାଣ୍ଡ ସ୍କିମ୍‌ରେ ୬ ହଜାର କୋଟି ଟଙ୍କା ବିନିଯୋଗ ହେବ । ଏବେ ରାଜ୍ୟର ପରିବହନ ଜିଏସ୍‌ଭିଏରେ ସଡକ ପଥର ଅଂଶ ୬୦% ରହିଛି । ରାଜ୍ୟରେ ନ୍ୟାସ୍‌ନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ୧୨୦୪ କିମିର ୪୯ ପ୍ରକଳ୍ପ କାର୍ଯ୍ୟକାରୀ କରାଇଥିବା ବେଳେ ୭୭୧ କିମି ସମ୍ପୂର୍ଣ୍ଣ ହୋଇସାରିଛି। ପଶ୍ଚିମାଞ୍ଚଳ ବିକାଶ ଲାଗି ରାଜ୍ୟ ଗ୍ରୀନ୍‌ଫିଲ୍ଡ ଏକ୍ସପ୍ରେସୱେ ସ୍ଥାପନ କରିଛି। ସେହିଭଳି ବିଶାଖାପାଟଣା-ଚେନ୍ନାଇ ଇଣ୍ଡଷ୍ଟ୍ରିଆଲ କରିଡରକୁ ଲାଗି ଓଡ଼ିଶା ଇକୋନୋମିକ କରିଡରକୁ ବିକଶିତ କରିବା ଲକ୍ଷ୍ୟ ରଖାଯାଇଛି ।